# ଅସ୍ଥିର ଦକ୍ଷିଣ କୋରିଆ

ଗତ ସପ୍ତାହରେ ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ ନିଜ ଦେଶ ଭିତରେ ଘୋର ବିରୋଧର ସମ୍ମୁଖୀନ ହେବା ପରେ ବାଧହୋଇ ରୁଷିଆକୁ ପଳାଇଲେ। ବିଦ୍ରୋହୀମାନେ ଯେଭଳି ଆକ୍ରମଣାତ୍ମକ ହୋଇଉଠିଥିଲେ ସେଥିରୁ ସେ ବୁଝିଯାଇଥିଲେ ବେଶି ସମୟ ଦେଶ ଭିତରେ ରହିଲେ ଜୀବନ ପ୍ରତି ବିପଦ ଘନେଇ ଆସିବ। ସିରିଆ ଛାଡ଼ିବା ପରେ ପୁରୁଣା ଶୈଳୀର ଏକଚ୍ଛତ୍ରବାଦ ଅନୁସରଣ କରିଆସୁଥିବା ବଶର ଅଲ୍-ଅସାଦଙ୍କ ଶାସନର ପତନ ଘଟିଲା। ତେଣୁ ସିରିଆ ଅସ୍ଥିରତା ଭିତରକୁ ଠେଲି ହୋଇଯାଇଛି। ଏବେ ବିଶ୍ୱର ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଦକ୍ଷିଣ କୋରିଆରେ ରାଜନୈତିକ ଅରାଜକତା ଦେଖାଦେଇଛି। ୩ ଡିସେମ୍ବରରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ସାମରିକ ଆଇନ ଲାଗୁ କରିବାରୁ ଦେଶରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ବିରୋଧୀ ଦଳ ସମେତ ଦେଶବାସୀ ପ୍ରତିବାଦ କରିବାରୁ ସେହି ଆଇନକୁ ମାତ୍ର ୬ ଘଣ୍ଟା ପରେ ପ୍ରତ୍ୟାହାର କରି ନିଆଯାଇଥିଲା। ହେଲେ ରାଷ୍ଟ୍ରପତିଙ୍କ ଏଭଳି ଆଚରଣରେ କ୍ଷୁବ୍ଧ ହୋଇ ଆଇନ ପ୍ରଣେତାମାନେ ତାଙ୍କ ବିରୋଧରେ ପ୍ରଥମେ ଡିସେମ୍ବର ୭ ଓ ପରେ ୧୨ ତାରିଖରେ ମହାଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟରେ ଡିସେମ୍ବର ୧୪ରେ ମହାଭିଯୋଗ ଗୃହୀତ ହେବା ପରେ ୟୁନ୍ ନୂଆ ଶୈଳୀର ଏକଚ୍ଛତ୍ରବାଦ ପାଇଁ ଯେଉଁ ପାଗ ଭିଡ଼ିଥିଲେ ତାହା କାମ ଦେଲା ନାହିଁ ବୋଲି କୁହାଯାଉଛି। ଦକ୍ଷିଣ କୋରିଆର ଶାସନ ପଦ୍ଧତିକୁ ଦେଖିଲେ ୟୁନ୍‌ଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ତାଙ୍କ କ୍ଷମତା ବଜାୟ ରହିବ, ତାହା ଉପରେ ସାମ୍ବିଧାନିକ ଅଦାଲତ ୧୮୦ ଦିନ ମଧ୍ୟରେ ନିଷ୍ପତ୍ତି ନେବ। ଯଦି ତାଙ୍କୁ ବହିଷ୍କାର କରାଯାଏ, ତେବେ ୬୦ ଦିନ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇ ପରବର୍ତ୍ତୀ ରାଷ୍ଟ୍ରପତି ଚୟନ କରାଯିବ।

ପୂର୍ବ ଏସୀୟ ରାଷ୍ଟ୍ର ଦକ୍ଷିଣ କୋରିଆ ବିଶ୍ୱରେ ପ୍ରଯୁକ୍ତି କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ଦେଶ ରହିଆସିଛି। ସେଠାକାର ସମ୍‌ସଙ୍ଗ, ଏଲ୍‌ଜି ଓ ପୋସ୍କୋ ଭଳି କମ୍ପାନୀ ବିଶ୍ୱବ୍ୟାପୀ ପରିଚିତ। ଏହାର ପୁରୁଷ ସଙ୍ଗୀତ ବ୍ୟାଣ୍ଡ୍ ବାଙ୍ଗତାନ୍ ସୋନିଓନ୍ଦନ (ବିଟିଏସ୍) ପୃଥିବୀବିଖ୍ୟାତ। ଏଥିସହିତ ସେଠାକାର ମନୋରଞ୍ଜନ ଏବଂ ସ୍ୱାସ୍ଥ୍ୟ-ସୌନ୍ଦର୍ଯ୍ୟ ଶିଳ୍ପର ଚାରିଆଡ଼େ ବଡ଼ ଚାହିଦା ରହିଛି। ଚଳିତ ବର୍ଷ ସେଠାକାର ଲେଖିକା ହାନ୍ କାଙ୍ଗ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇବା ପରେ ଦକ୍ଷିଣ କୋରିଆ ମଧ୍ୟ ବେଶ୍ ଚର୍ଚ୍ଚାକୁ ଆସିଥିଲା। ତେବେ ଏହାର ପଡ଼ୋଶୀ ଉତ୍ତର କୋରିଆରେ ଏକଚ୍ଛତ୍ରବାଦ ଚାଲିଥିବା ବେଳେ ଦକ୍ଷିଣ କୋରିଆର ନାଗରିକମାନେ ମୁକ୍ତ ଜୀବନ ବିତାଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଦେଖିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଅଚାନକ ସାମରିକ ଆଇନ କାହିଁକି ଲାଗୁ କଲେ ତାହା ଉପରେ ସେ ସଫେଇ ଦେଇଛନ୍ତି। ବିରୋଧୀ ଦଳର କେତେକ ନେତା ଉତ୍ତର କୋରିଆ ସହ ସମ୍ପର୍କ ରଖି ଦେଶରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଥିବା ଜାଣିବା ପରେ ସେ ସାମରିକ ଆଇନ ଲାଗୁ କରିଥିଲେ ବୋଲି ୟୁନ୍ କହିଛନ୍ତି। ହେଲେ ତାଙ୍କ ସ୍ପଷ୍ଟୀକରଣକୁ ସହଜରେ ଗ୍ରହଣ କରାଯାଇପାରି ନାହିଁ। ଦେଶ ଭିତରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେଲେ ତାହାକୁ ସମାଧାନ କରିବା ଲାଗି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ମଜଭୁତ କରିବାର ଆବଶ୍ୟକତା ଥାଏ। କିନ୍ତୁ ଶତ୍ରୁ ଦମନ କରିବାକୁ ଯାଇ 'ମଶା ମାରିବା ପାଇଁ ଘରପୋଡ଼ି ଦେବା' ଭଳି କାର୍ଯ୍ୟ କରିବା ଅପରିପକ୍ୱତାର ପରିଚୟ ଦିଏ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଙ୍କ ଉପରେ ସାମରିକ ଆଇନ ଲାଗୁ କରିବା ଅର୍ଥ ନିଜ ଦେଶବାସୀଙ୍କୁ ଦମନ କରିବା ବୋଲି ଧରାଯିବ। ଦକ୍ଷିଣ କୋରିଆ ନାଗରିକଙ୍କ ମନୋଭାବ ଗଣତନ୍ତ୍ର ପ୍ରତି ସକାରାତ୍ମକ ଥିବାରୁ ଶାସକ ଦଳର କେତେ ଜଣ ଆଇନ ପ୍ରଣେତା ରାଷ୍ଟ୍ରପତିଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗକୁ ମଧ୍ୟ ସମର୍ଥନ କରିଛନ୍ତି।

> ଆଗାମୀ ଦିନରେ ଦୀର୍ଘକାଳ ଶାସନ ଜାବୁଡ଼ି ରଖିବାର ଅଭୀପ୍ସା ରଖୁଥିବା ନେତାଙ୍କୁ ନାଗରିକମାନେ ଗଣତାନ୍ତ୍ରିକ ଉପାୟରେ ଉଚିତ ଜବାବ ନ ଦେଲେ ଏକଚ୍ଛତ୍ରବାଦୀଙ୍କ ହାତ ଟାଣହେବା ଥୟ। ଦକ୍ଷିଣ କୋରିଆ, ଜର୍ଜିଆ, ବାଂଲାଦେଶ ଭଳି ଦେଶର ସାମ୍ପ୍ରତିକ ସ୍ଥିତି ଦେଖିଲେ ସେଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଆଡ଼କୁ ଗତି କରୁଥିବା ମନେହେଉଛି।

ଦେଖିବାକୁ ଗଲେ ଏବେ ପୃଥିବୀର କେତେକ ଗଣତାନ୍ତ୍ରିକ ଦେଶରେ ଶାସକମାନେ ଦୀର୍ଘଦିନ ଗାଦିନସୀନ ହେବା ଲୋଭ ରଖିବା ଯୋଗୁ ଏକଚ୍ଛତ୍ରବାଦର ଆଭିମୁଖ୍ୟ ପ୍ରୋତ୍ସାହିତ ହେଉଛି। ସମୟକ୍ରମେ ତାହା ଦୃଢ଼ୀଭୂତ ହେଉଥିବାରୁ ଦେଶବାସୀଙ୍କୁ ଗଣତନ୍ତ୍ରଠାରୁ ଦୂରେଇ ଦିଆଯାଉଛି। ସଦ୍ୟ ଦୃଷ୍ଟାନ୍ତ ଭାବେ ବାଂଲାଦେଶକୁ ଦେଖାଯାଇପାରେ। ସେହିଭଳି ଜର୍ଜିଆରେ ଗୋଟିଏ ରାଜନୈତିକ ଦଳ କ୍ଷମତାରେ ରହି ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ବାଛିବା ସହିତ ଅନ୍ୟ କୌଣସି ଦଳକୁ ରହିବାକୁ ଦେଉନାହିଁ। ସେଥିରେ ଉପୁଜୁଥିବା ଏକଚ୍ଛତ୍ରବାଦ ଜର୍ଜିଆର ଭବିଷ୍ୟତକୁ ଅଗଣତାନ୍ତ୍ରିକ କରିଦେଉଛି। ସେଠାରେ ଜନସାଧାରଣ ଏହି ଘଟଣାକୁ କେବେ ପସନ୍ଦ କରୁ ନାହାନ୍ତି ଏବଂ ଭବିଷ୍ୟତରେ ତାହାର କୁଫଳ ସେଠାକାର ରାଜନୈତିକ ପରିସ୍ଥିତି ଉପରେ ନିଶ୍ଚୟ ପଡ଼ିବ। ସେହିଭଳି ଫ୍ରାନ୍ସରେ ମଧ୍ୟ ପରିସ୍ଥିତି ବଦଳୁଥିବା ଦେଖିବାକୁ ମିଳିଲାଣି। ଆଗାମୀ ଦିନରେ ଦୀର୍ଘକାଳ ଶାସନ ଜାବୁଡ଼ି ରଖିବାର ଅଭୀପ୍ସା ରଖୁଥିବା ନେତାଙ୍କୁ ନାଗରିକମାନେ ଗଣତାନ୍ତ୍ରିକ ଉପାୟରେ ଉଚିତ ଜବାବ ନ ଦେଲେ ଏକଚ୍ଛତ୍ରବାଦୀଙ୍କ ହାତ ଟାଣ ହେବା ଥୟ। ଦକ୍ଷିଣ କୋରିଆ, ଜର୍ଜିଆ, ବାଂଲାଦେଶ ଭଳି ଦେଶର ସାମ୍ପ୍ରତିକ ସ୍ଥିତି ଦେଖିଲେ ସେଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଆଡ଼କୁ ଗତି କରୁଥିବା ମନେହେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 9 | | | | 8 | |
| 1 | 9 | | | | | | | |
| | 6 | 8 | | | | 4 | | |
| | | | 3 | | 6 | | | 1 |
| | | | | | 1 | | 6 | 3 |
| | | | | | 5 | 9 | | |
| | | 5 | | | | 7 | | |
| | | | 4 | | 7 | | 1 | |
| | | 4 | | | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 7 | 9 | 4 | 8 | 2 | 1 |
| 4 | 2 | 7 | 1 | 8 | 6 | 9 | 5 | 3 |
| 9 | 1 | 8 | 2 | 3 | 5 | 7 | 4 | 6 |
| 3 | 7 | 1 | 8 | 4 | 2 | 5 | 6 | 9 |
| 2 | 9 | 4 | 5 | 6 | 7 | 3 | 1 | 8 |
| 8 | 6 | 5 | 3 | 1 | 9 | 4 | 7 | 2 |
| 6 | 4 | 3 | 9 | 7 | 1 | 2 | 8 | 5 |
| 1 | 8 | 2 | 4 | 5 | 3 | 6 | 9 | 7 |
| 7 | 5 | 9 | 6 | 2 | 8 | 1 | 3 | 4 |

ଗତକାଲିର ଉତ୍ତର

# ଓଡ଼ିଆର ବାଣିଜ୍ୟ ବିସ୍ତାର



ଡ. ପ୍ରମୋଦ କୁମାର ପଣ୍ଡା

ପ୍ରସଙ୍ଗଟି ଅନେକଙ୍କୁ ଆଶ୍ଚର୍ଯ୍ୟ କରିବ। ତଅପୋଇର ଛେଳିଚରା ସହିତ ଓଡ଼ିଆର ବାଣିଜ୍ୟ ବିସ୍ତାରର କ'ଣ ସମ୍ପର୍କ ଅଛି ? ହଁ ସମ୍ପର୍କ ଅଛି ପାଠକ ବନ୍ଧୁ ! ଅତି ଗଭୀର ସମ୍ପର୍କ। ଆମେ ତାକୁ କେବେ ଆବିଷ୍କାର କରିବାକୁ ପ୍ରୟାସ କରିନାହାନ୍ତି। ଯଦିଓ ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ, ମାତ୍ର ଆର୍ଥିକ ପ୍ରଗତିରେ ଆମେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସେତେଟା ବିକାଶ କରି ନ ପାରି ବର୍ତ୍ତମାନ ଅଷ୍ଟାଦଶ ସ୍ଥାନରେ ଅଛନ୍ତି। ଓଡ଼ିଶାର ସମସ୍ତ ପ୍ରକାର ସମ୍ବଳ ଥିବା ସତ୍ତ୍ୱେ ଆମର ଆର୍ଥିକ ପ୍ରଗତି ହୋଇ ପାରୁନାହିଁ। ଇତିହାସ କହେ, ପ୍ରାଚୀନ ଓ ମଧ୍ୟ ଯୁଗରେ ଉଭୟ କଳିଙ୍ଗ ଏବଂ ଉତ୍କଳ ପ୍ରଗତିର ଶୀର୍ଷରେ ପହଞ୍ଚି ପାରିଥିଲା। ମହାଭାରତ ଯୁଦ୍ଧ ସମୟରେ କଳିଙ୍ଗ ସମୃଦ୍ଧ ରାଜ୍ୟ ଥିବାର ପ୍ରମାଣ ମିଳେ। ମୌର୍ଯ୍ୟ ସାମ୍ରାଜ୍ୟ ନେତୃବୃନ୍ଦ ଶତତ ଚେଷ୍ଟା କରି ମଧ୍ୟ କଳିଙ୍ଗକୁ ଜୟ ନ କରିପାରିବାର କାହାଣୀ ସମସ୍ତେ ଜାଣନ୍ତି। ଶେଷରେ ଅଶୋକ କଳିଙ୍ଗ ଜୟ କରି ନିଜକୁ ସମ୍ରାଟ ଆଖ୍ୟାରେ ଭୂଷିତ କରିଥିଲେ। ସେତେବେଳେ ଆମ ପୂର୍ବପୁରୁଷ ନୌବାଣିଜ୍ୟରେ ପାରଙ୍ଗମ ଥିଲେ ଏବଂ ଭାରତ ବର୍ଷର ପ୍ରଥମ ଜାତି ଯେ କି ସମୁଦ୍ରରେ କାଠ ବୋଇତରେ ବିଦେଶ ମାଟିରେ ପାଦ ଦେଇଥିଲେ। ବିଦେଶ ମାଟିରେ ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ଉପନିବେଶ ସ୍ଥାପନ କରିଥିଲେ। ସେ ଇଣ୍ଡୋନେସିଆର କ୍ଲିଙ୍ଗ ଜାତି ହୁଅନ୍ତୁ କିମ୍ବା କମ୍ବୋଡିଆର ପ୍ରଥମ ସମ୍ରାଟ କୌଣ୍ଡିନ୍ୟ, ସମସ୍ତେ ଓଡ଼ିଆ ବଂଶଧର। ଖାରବେଳଙ୍କର ଗଙ୍ଗାଠାରୁ ଗୋଦାବରୀ ସାମ୍ରାଜ୍ୟ ହେଉ କିମ୍ବା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସବୁ ଆମ ପ୍ରଗତିର ପ୍ରମାଣ। ଗଜପତିଙ୍କ ସମୟରେ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଓ ଦ୍ୱାଦଶ ଶତାବ୍ଦୀରେ ବିଶାଳକାୟ ଜଙ୍କ ବିହୀନ ଲୁହାବିମ୍ବର ଉଦ୍ଭାବନ ସେ ସମୟରେ ସମଗ୍ର ବିଶ୍ୱରେ ବିରଳ ଥିଲା। ଏ ସବୁ ସମ୍ଭବ ଥିଲା କେବଳ ଆମ ବ୍ୟବସାୟ ବାଣିଜ୍ୟ ପାଇଁ।

ଆମର ସାଧବ ପୁଅ ବିଶ୍ୱର ବିଭିନ୍ନ ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ। ଷୋଡ଼ଶ ଶତାବ୍ଦୀଠାରୁ ଯେତେବେଳେ ଆମେ ପରାଧୀନ ହୋଇଗଲୁ ଓ ଆମର ବହିର୍ବାଣିଜ୍ୟ କମିଗଲା କିମ୍ବା ବନ୍ଦ ହୋଇଗଲା, ସେତେବେଳେ ଆମେ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଗଲୁ। ବର୍ତ୍ତମାନ ଅବସ୍ଥା ଏଇୟା ଯେ ଓଡ଼ିଆ ଚାଷୀ ରସୁଣ ଚାଷ ଛାଡି କିଲୋପିଛା ୪୦୦ ଟଙ୍କା ଦେଇ ଗୁଜରାଟ ଓ ରାଜସ୍ଥାନରୁ ରସୁଣ ଆମଦାନୀ କରି ବଞ୍ଚୁଛି। ସେ ଗରିବ ହେବନି ତ କ'ଣ



ଧନୀ ହେବ ? ଓଡ଼ିଆ ସେତେବେଳେ ଆର୍ଥିକ ପ୍ରଗତି କରିବ, ଯେତେବେଳେ ରପ୍ତାନି ଅଧିକ କରିବ ଆଉ ଆମଦାନୀ କମ୍ କରିବ। ମାତ୍ର ଆମର ବର୍ତ୍ତମାନ ସ୍ଥିତି ସବୁବେଳେ ଓଲଟା। ଆମର ବହୁ ପଛରେ ମାରଓ୍ୱାଡ଼ି, ପଞ୍ଜାବୀ ଓ ଗୁଜରାଟୀ ବ୍ୟବସାୟ ଆରମ୍ଭ କଲେ। ଦେଶ ବିଦେଶରେ ବିଭିନ୍ନ କୋଣକୁ ମାଡିଗଲେ, ପ୍ରଗତି ଶୀର୍ଷରେ ପହଞ୍ଚିଲେ। ଗୁଜରାଟ ଓ ପଞ୍ଜାବରେ ଏମିତି ଗ୍ରାମ ମିଳିବ ନାହିଁ, ଯେଉଁଠି କୋଟିପତି ନାହାନ୍ତି। ମାତ୍ର ଆମେ ଓଡ଼ିଆ ଅନ୍ୟ ଜିଲାରେ ବ୍ୟବସାୟ କରିବାକୁ ଡରିଲୁ। ବର୍ତ୍ତମାନ ଭୟଙ୍କର ସ୍ଥିତି ସୃଷ୍ଟି ହେଲାଣି। ଛାତ୍ରୀଛାତ୍ର ଜିଲା ବାହାରକୁ ଯିବେନି ଶିକ୍ଷକ ହେବାକୁ କିମ୍ବା ବାହାର ଜିଲାର ଶିକ୍ଷକକୁ ନିଜ ଜିଲାକୁ ଛାଡିବେନି ? ଏକବିଂଶ ଶତାବ୍ଦୀରେ କୂପମଣ୍ଡୁକ ହେବା ପାଇଁ କି ବ୍ୟଗ୍ରତା ? ଆସନ୍ତୁ ଫେରିବା ତଅପୋଇ ଛେଳି ଚରାଇବା ପ୍ରସଙ୍ଗକୁ। ଓଡ଼ିଶାରେ ଗରିବ ଶ୍ରେଣୀର ଲୋକ ମୁଖ୍ୟତଃ ଛେଳି ପାଳନ କରିଥାନ୍ତି। ତଅପୋଇ ଛେଳି ଚରାଉଥିଲେ। ଏକଥା ଆମ ପିଲାମାନେ ଖୁଦୁରୁକୁଣୀ ଓଷା କରିବା ସମୟରେ ପଢ଼ନ୍ତି। ତେଣୁ ତଅପୋଇଙ୍କ ପରିବାର ଏକ ଗରିବ ପରିବାର ଥିଲା ଏକଥା ନିଃସନ୍ଦେହରେ କୁହାଯାଇପାରେ। ତଅପୋଇର ଭାଇମାନେ ସେମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ନିଶ୍ଚୟ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିବେ ବୋଇତ ନେଇ। ତାଙ୍କର ସାତ ଭାଇ ଥିଲେ। ଅନ୍ୟ ଅର୍ଥରେ କହିବାକୁ ଗଲେ ସେତେବେଳେ ଓଡ଼ିଶାରୁ ସାଧାରଣ ଘରର ଗରିବ ଲୋକ ମଧ୍ୟ ବିଦେଶକୁ ଯାଉଥିଲା ବେପାର କରି ଧନ ରତ୍ନ ବୋହିଆଣିବାକୁ। ଅନେକ ଗରିବ ଲୋକ ସେ ସମୟରେ ବିଦେଶ ଯାଉଥିବେ, ନ ହେଲେ ତଅପୋଇଙ୍କ ଭାଇମାନେ କାହିଁକି ଯାଇଥାନ୍ତେ ? ଯଦି ସେମାନେ ଧନୀ କିମ୍ବା ସମ୍ଭ୍ରାନ୍ତ ଘରର ଲୋକ ହୋଇଥାନ୍ତେ, କେବେ ବି ତଅପୋଇ ଛେଳି ଚରାଇ ନ ଥାନ୍ତା। କାରଣ କୌଣସି ରାଜା, ଜମିଦାର କିମ୍ବା ଧନୀ ବ୍ୟକ୍ତିର ଝିଅକୁ ଭାଉଜମାନେ ଛେଳି ଚରାଇବାକୁ ପଠାଇପାରିବେକି କୌଣସି ସମାଜରେ ? କହିବାର ତାତ୍ପର୍ଯ୍ୟ ହେଲା ଆଜକୁ ଶହ ଶହ ବର୍ଷ ପୂର୍ବରୁ ଯେଉଁ ଜାତିର ସାଧାରଣ ଗରିବ ଲୋକ ସାତ ଦରିଆ ପାର ହୋଇ ବେପାର ବଣିଜ କରିପାରୁଥିଲା, ସେହି ଜାତିର ପାଠ ପଢୁଆ ଯୁବା ଏକ ବିଂଶ ଶତାବ୍ଦୀରେ ପଡ଼ୋଶୀ ରାଜ୍ୟରେ ବେପାର କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ? ଆଜି ବିପଦସଙ୍କୁଳ ଅବସ୍ଥାରେ ବୋଇତରେ ଯିବାକୁ ପଡୁନି ମାସ ମାସ ଧରି। କେଇ ଘଣ୍ଟା ଭିତରେ ବିଦେଶରେ ପହଞ୍ଚି ପାରୁଛୁ ଓ ଆସି ମଧ୍ୟ ପାରୁଛୁ। ବିଦେଶରୁ ଟଙ୍କା ନେଣ ଦେଣ ମଧ୍ୟ ସହଜ ହୋଇଛି। ପ୍ରତିବର୍ଷ ଖୁଦୁରୁକୁଣୀ ଓଷା କରିବୁ, ପଢିବୁ ତଅପୋଇ ଛେଳି ଚରାଉଥିଲେ। ସମ୍ମାନହାନି ହୋଇଯିବ ବୋଲି କେହି ଛେଳି ପାଳିବୁନି। କେବଳ ଅତି ଗରିବ ଶ୍ରେଣୀର ଲୋକେ ଛେଳି ପାଳିବେ। ଆମେ କିନ୍ତୁ ଛେଳି ମାଂସ ଖାଇବାକୁ ପସନ୍ଦ କରିବୁ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରୁ ଛେଳି ଆମଦାନୀ କରି ଖାଇବୁ। ବଡ ବିଚିତ୍ର ସ୍ଥିତି ?

ଆସନ୍ତୁ ଦେଖିବା ପ୍ରବାସୀ ଭାରତୀୟଙ୍କ ତୁଳନାରେ ପ୍ରବାସୀ ଓଡ଼ିଆଙ୍କ ସ୍ଥିତି କ'ଣ। ଆର୍‌ବିଆଇ ପରିସଂଖ୍ୟାନକୁ ତର୍ଜମା କଲେ ଜଣାଯିବ ଯେ, ପ୍ରତିବର୍ଷ ଦେଶକୁ ୬.୬ ଲକ୍ଷ କୋଟି ଟଙ୍କା ବିଦେଶରୁ ଆସିଥାଏ ପ୍ରବାସୀ ଭାରତୀୟଙ୍କଠାରୁ କାମ ଧନ୍ଦାରୁ। ଏହାର ସିଂହଭାଗ ଅର୍ଥାତ୍ ୧୯ ପ୍ରତିଶତ କେରଳକୁ ଆସିଥିବା ବେଳେ, ୧୬.୭ ପ୍ରତିଶତ ମହାରାଷ୍ଟ୍ରକୁ, ୧୫ ପ୍ରତିଶତ କର୍ନାଟକ ଓ ୮ ପ୍ରତିଶତ ତାମିଲନାଡୁକୁ ଆସିଥାଏ। ଏଥିରେ ଓଡ଼ିଶାର ଭାଗୀଦାରି ମାତ୍ର ୦.୪ ପ୍ରତିଶତ। ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦେଶର ୪.୦ ପ୍ରତିଶତ ରୋଜଗାର ଆସୁଥିବାବେଳେ ପଶ୍ଚିମବଙ୍ଗକୁ ୨.୫ ପ୍ରତିଶତ ଓ ବିହାରକୁ ୧.୩ ପ୍ରତିଶତ ବିଦେଶୀ ରୋଜଗାର ଆସେ। ବଡ଼ ଦୁଃଖ ଲାଗେ ଆମର ଏ ଦୟନୀୟ ସ୍ଥିତି ଦେଖି। ବାହାରୁ ମୋଟା ଅଙ୍କର ରୋଜଗାର ଆସିଲେ ରାଜ୍ୟର ପ୍ରଗତି ହେବା ସୁନିଶ୍ଚିତ। ଆସନ୍ତୁ ଆମ ଶିକ୍ଷିତ ଯୁବା କିପରି ବିନା ଦ୍ୱିଧାରେ ଦେଶର ବିଭିନ୍ନ ସହର ଏବଂ ବିଦେଶ ମାଟିରେ ବେପାର ବଣିଜ ଓ ଚାକିରି ଧନ୍ଦା କରିପାରିବ, ତା'ର ବାତାବରଣ ସୃଷ୍ଟି କରିବା। ପଞ୍ଜାବ ରାଜ୍ୟ ସରକାରରେ ଏକ ଏନ୍‌ଆର୍‌ଆଇ ବିଭାଗ ଅଛି, ତାଙ୍କ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ। ଯେଉଁ ଓଡ଼ିଆ ଭାଇଭଉଣୀ ବିଦେଶରେ ଅଛନ୍ତି, ସେମାନେ ସର୍ବଦା ଚେଷ୍ଟା କରିବା ଉଚିତ ଯେ, କିପରି ଅଧିକରୁ ଅଧିକ ଓଡ଼ିଆ ବିଦେଶ ଯିବେ, ସେଠାରେ ହୋଟେଲ ଓ ଦୋକାନ ଖୋଲିବେ, ମନ୍ଦିର ଗଢିବେ, ଚାକିରି ଧନ୍ଦା କରିବେ ଇତ୍ୟାଦି ଇତ୍ୟାଦି। ଏହି ଭାବନା ଯୋଗୁ କେରଳୀ, ଗୁଜରାଟୀ ଓ ପଞ୍ଜାବୀ ବିଶ୍ୱର ବିଭିନ୍ନ କୋଣରେ ଭରିଯାଇଛନ୍ତି ଓ ନିଜ ରାଜ୍ୟର ପ୍ରଗତି କରିଛନ୍ତି। ଆମକୁ ବି ସେପରି କରିବାକୁ ପଡ଼ିବ। ଆମ ପୂର୍ବପୁରୁଷ ପରା କହିଯାଇଛନ୍ତି ''ଟଙ୍କାକ ପଛେ ବାରଣା ହେଉ ଯାଇ ଆସି ପୁଅ ସିଆଣିଆ ହେଉ''। ଆସନ୍ତୁ ସମସ୍ତେ ମିଶି ଓଡ଼ିଆ ଯୁବା କିପରି ଅନ୍ୟ ରାଜ୍ୟ ଓ ବିଦେଶରେ ବାଣିଜ୍ୟ ବେପାର ଓ ଚାକିରି ଧନ୍ଦା କରିପାରିବେ, ସେଥିପାଇଁ ଚେଷ୍ଟା କରିବା।

ମୋ: ୮୯୧୭୪୨୬୪୪୦

# ରିଲ୍‌ରେ ଜୀବନ



ଡ. ଦ୍ୱିତୀଚନ୍ଦ୍ର ସାହୁ

ପୁଅ କହିଲା- 'ବାପା ! ଏତେ ଲେଖାଲେଖି କରୁଛ। ତାକୁ ଛୋଟ ଛୋଟ କ୍ଲିପ କରି ରିଲ୍ କରୁନ। ଭାରି ବଢ଼ିଆ ହେବ।' ଲ୍ୟାପ୍‌ଟପରୁ ଧ୍ୟାନ ହଟେଇ ତାକୁ ଟିକେ ଦେଖିଲି। ସେ ମୋ ଆଡ଼କୁ ଚାହିଁଥିଲା। ମୁଁ ହସିଲି ଏବଂ କହିଲି-'ବାବୁ! ସାହିତ୍ୟ ରିଲ୍ କରିବାର ବସ୍ତୁ ନୁହେଁ। ଏକ ସାଧନା। ସେମିତି କରାଯାଏନି।' ପୁଅ କହିଲା- 'ବାପା ! କିଛି ତ ନୂଆ କର। ରିଲ୍ କରିବା କ'ଣ ସହଜ କଥା ଭାବୁଛ କି ? ଏଥିରେ ଟେକ୍‌ନିକ୍ ଲୋଡ଼ା। ମୁଁ ହେଲ୍‌ପ କରିବି। ଫଲୋର୍ସ ବଢ଼ିବେ।' ମୁଁ କଥାକୁ ନ ବଢ଼ାଇବା ପାଇଁ କହିଲି- 'ହଉ ଦେଖିବା ଓ କରିବା।' ପୁଅକୁ କଥା ପ୍ରସଂଗରୁ ଧ୍ୟାନ ହଟେଇବା ପାଇଁ ସିନା କହିଦେଲି, ଏଥର ଭାବିଲି ଓ ସମାଜକୁ ଦେଖିବା ଆରମ୍ଭ କଲି। ଓଃ! କି ଅବସ୍ଥା! ସମସ୍ତଙ୍କୁ ରିଲ୍‌ର ନିଶା। ନିତିଦିନ କେମିତି ରିଲ୍ ତିଆରି ହେବ ଏବଂ ତାକୁ ଅପ୍‌ଲୋଡ ହେବ ସେଇଚିନ୍ତାରେ ଦିନ ବିତୁଛି। ପିଲାଠାରୁ ବୁଢ଼ା ଏବଂ କୁନିଝିଅଠାରୁ ବୟସ୍କା ମହିଳା ରିଲ୍ ମୋହରେ ପାଗଳପ୍ରାୟ। ବାପପୁଅ, ମାଆଝିଅ, ଶାଶୁବୋହୂ, ଅଜାନାତିଆ, ପ୍ରେମିକପ୍ରେମିକା, ବୁଢ଼ାବୁଢ଼ୀ ସମସ୍ତେ ଏବେ ରିଲ୍‌ର ଜୀବନ ଜିଉଛନ୍ତି। କିଏ ଭାଇନା, କିଏ ଭାଉଜ ହେଉଛି ତ ପୁଣି କିଏ ମଉସା ମାଉସୀ, ଦିଦି, ଦାଦା, ନନା, ନାନୀ ଭଳି ସମ୍ପର୍କ ନାମରେ ରିଲ୍‌ରେ ଦୃଶ୍ୟମାନ। ସକାଳୁ ଉଠୁ ଉଠୁ ମୋବାଇଲରେ ମୁହଁ ପଖାଳିବା ଆରମ୍ଭ। ହାତ ଆପେ ଆପେ ରିଲ୍‌କୁ ଯିବ। ଗୋଟେ ପରେ ଗୋଟେ ରିଲ୍ ଦେଖାଚାଲିବ। ଦେଖୁ ଦେଖୁ ହସୁଥିବେ ତ କେତେବେଳେ ବିସ୍ମୟ ହେଉଥିବେ। ମଝିରେ ମଝିରେ ମନ ପାଇବା ରିଲ୍‌କୁ ସକାଳୁ ସକାଳୁ ନିଜ ମନପସନ୍ଦର ମଣିଷଙ୍କ ନିକଟକୁ ପଠେଇବାକୁ ବି ଭୁଲିବେନି। ଶେଯରେ ରିଲ୍ ଦେଖୁ ଦେଖୁ କେତେବେଳେ ସମୟ ଗଡ଼ିଯାଇଥିବ ଦେଖିବା ଲୋକ ଜାଣିପାରିବେନି। ସକାଳୁ ସ୍କୁଲକୁ ଯିବାକୁ ପୁଅ ଆସି ମାଆକୁ କହିବ- 'ମାଆ ! ମୋତେ ସ୍କୁଲରେଡି କରିବୁନି କି ?' ଏଥର ମାଆ ତରବର ହୋଇ ପୁଅର ସ୍କୁଲ ପାଇଁ ପ୍ରସ୍ତୁତିରେ ଲାଗିବେ। ସେଥିରେ ବି ନିସ୍ତାର ନାହିଁ। ରୋଷେଇଶାଳରେ ମୋବାଇଲ୍‌ରେ ରିଲ୍ ଚାଲିଥିବ। ଏପଟେ ରୋଷେଇ କାମ। ସ୍କୁଲ ଯାଉଥିବା ପିଲା ବି କିଛି କମ୍ ନୁହଁ। ମାଆ ପାଟିରେ ଖାଦ୍ୟ ଦେଉଥିବ। ପିଲାଟି ନିଜେ ମୋବାଇଲରେ ରିଲ୍ ଦେଖି ଦେଖି ଖାଇବ, ସୁ ପିନ୍ଧିବ ଏବଂ ଗାଡ଼ି ଆସିବାଯାଏ ମୁହଁ ମାରି ବସିବ। ସକାଳ ବୁଲାବେଳେ ଲୋକେ କେଉଁଠି ଟିକେ ବସି ରିଲ୍ ଭିତରେ ପଶି ଯାଇଥିବେ। ଘରକୁ ଫେରି ତରବର ହୋଇ ଅଫିସ୍ ଯିବେ। ଅଫିସ୍‌ରେ କାମ ସହ ମଝିରେ ମଝିରେ ରିଲ୍ ଦେଖା। ଟେବୁଲ ପାଖକୁ ଗ୍ରାହକ ଆସିଲେ ବି ଅଫିସ ଚେୟାରରେ ବସିଥିବା ବାବୁ ଜଣକ ମୁହଁ ହଟେଇବେନି। କିଛି ସମୟ ପରେ ହସି ହସି ମୁହଁ ଉଠେଇ ଆସିବାର ଅଭିପ୍ରାୟ ପଚାରିବେ ଏବଂ କାରଣ ଜାଣିବା ପରେ ଉତ୍ତେଜିତ ହୋଇ ୟାଡ୍ଡୁସ୍ୟାଡ୍ଡୁ ବକିବେ। ପୁଣି ସେଇ ମୋବାଇଲ ଭିତରେ ମୁହଁ ମାରିବେ ଯେ ଆଉ ଯେତେ ପଚାରିଲେ ପ୍ରତ୍ୟୁତ୍ତର ଆସିବନି। ବିଚରା ଲୋକଟି ଜଗିବ, ଶେଷରେ ଫେରିବ।

ରିଲ୍ ନିଶାରେ ଆମ ଜୀବନଶୈଳୀ ବଦଳିଯାଇଛି।



ବୋଲ ମାନୁନି ମନ। ତୁହାକୁ ତୁହା ସେଇ ଭିତରକୁ ଟାଣି ହୋଇ ଯାଉଛି। ଗୁରୁତ୍ୱପୂର୍ଣ୍ଣ ବୈଠକ, ସଭାସମିତି, ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ଗ୍ରହଣ ବେଳେ, ଗାଡ଼ିମୋଟର ଚଲାଇବାବେଳେ, ଫୁରୁସତ ସମୟରେ, ନିଜ ନିଜ କର୍ମରେ ନିୟୋଜନ ବେଳେ ଅତ୍ରତତ୍ର ସର୍ବତ୍ର ରିଲ୍‌ର ମାୟା। ଗେଟ୍ ଜଗିଥିବା ସିକ୍ୟୁରିଟିଠାରୁ ଏକ୍‌ଜିକ୍ୟୁଟିଭ, ହୋଟେଲ ବୟଠାରୁ ବଡ଼ ବଡ଼ ବ୍ୟବସାୟୀ, ପିଅନଠାରୁ ଅଫିସର, ଗୃହିଣୀଠାରୁ କର୍ମଜୀବୀ, କୁନି ପିଲାଠାରୁ ଯୁବକଯୁବତୀ, ବୟସ୍କ ବୟସ୍କା ସମସ୍ତେ ରିଲ୍‌ର ନିଶାରେ ନିଶାଗ୍ରସ୍ତ। ତେବେ ରିଲ୍‌ରେ ଅଛି କ'ଣ ? ଏହାର ଯଦି ସଠିକ୍ ଉତ୍ତର କୁହାଯିବ - ତେବେ ରିଲ୍‌ରେ ନାହିଁ କ'ଣ ! ସବୁ ପାଇବେ। ରନ୍ଧାବଢ଼ା, ସ୍ୱାସ୍ଥ୍ୟ ଉପଚାର, ପୂଜାକର୍ମାଣି, ବାସ୍ତୁବିଚାର, ନିୟୋଜନ ଖବର, ପାଣିପାଗ, ବ୍ୟାୟାମ ଓ ଆସନ, ମଜାଳିଆ କଥା, ନାଟକ ଅଭିନୟ, ବ୍ୟଙ୍ଗକଟାକ୍ଷ, ରାଜନୀତି, ନୃତ୍ୟ ସଙ୍ଗୀତ, ପ୍ରେମ ଫର୍ମୁଲା, ବେପାରବଣିଜ, ନୂଆ ନୂଆ ଦ୍ରବ୍ୟର ବିପଣୀ, ପୀଠ ପର୍ଯ୍ୟଟନ, ହସ୍ତକର୍ମ, ଶିକ୍ଷା, ଦେହ ଓ ଦାହ, ଅଶ୍ଳୀଳ କଥା ବସ୍ତୁଠାରୁ ନ ଦେଖିପାରିବା, ଆପତ୍ତିଜନକ ଦୃଶ୍ୟକୁ ବି ସହଜରେ ପାଇବେ। ଏକଥା ସତ ଯେ, ବହୁ ଉପାଦେୟ ତଥ୍ୟ ସବୁ ଆପଣ ପାଇବେ ରିଲ୍‌ରୁ। କିନ୍ତୁ ତୁଣ୍ଡରେ ଧରି ନ ପାରିବା ଶବ୍ଦ, ସାଧାରଣରେ ଦେଖି ନ ପାରିବା ଦୃଶ୍ୟଗୁଡ଼ିକ ବି ଅତି ସହଜରେ ପିଲାଙ୍କ ସାମ୍ନାକୁ ଆସିଯାଏ। ଆଉ ଏହା ଅଚିରେ ପିଲାଏ ବିଗିଡ଼ିବାର ଅନ୍ୟତମ କାରଣ।

ରିଲ୍ କରିବା ଆଉ ଏକ ନିଶା। ଘରେ ବାହାରେ, ମଝି ରାସ୍ତାରେ, ରେଳ ଟ୍ରାକରେ, ପର୍ବତ ଶିଖରରେ, ନଦୀକୂଳେ ଓ ନଦୀ ଭିତରେ, ଶ୍ମଶାନ ଜାଗାରେ, ଗହଳି ଭିତରେ, ଦୁଃଖରେ ସୁଖରେ, ସୁରକ୍ଷିତ ସ୍ଥାନରେ, ବିପଦସଙ୍କୁଳ ପରିସ୍ଥିତିରେ ରିଲ୍ କରିବାର ପ୍ରବଣତା। ଏଇ ଆବେଗ ଅନେକ ସମୟରେ ବିପଦକୁ ଡାକି ଆଣେ। ମୃତ୍ୟୁକୁ ଆମନ୍ତ୍ରଣ କରେ। ପଲକରେ ଜୀବନ ଚାଲିଯାଏ। ଏକ ସର୍ବେକ୍ଷଣ ମୁତାବକ ପୃଥିବୀରେ ଭାରତରେ ସର୍ବାଧିକ ସେଲ୍‌ଫିଜନିତ ମୃତ୍ୟୁ ଅଧିକ। ପଛକୁ ରହିଛି ରୁଷିଆ, ଆମେରିକା ଓ ପାକିସ୍ତାନ। ପୁଅ ଓ ଝିଅର ମୃତ୍ୟୁ ଅନୁପାତ ୩:୨। ମୃତ୍ୟୁର ହାରାହାରି ବୟସ ୨୩ ବର୍ଷ। ଏହା ନିଶ୍ଚିତ ଉଦ୍‌ବେଗର ବିଷୟ। କେବଳ ସେତିକି ନୁହେଁ, ମଣିଷ ଭିତରେ ରାଗ, ଚିଡ଼ିଚିଡ଼ାପଣ, ବିରକ୍ତି, କଟୁବଚନ ଭଳି ଅସ୍ୱାଭାବିକ ଆଚରଣ ଅଭିବୃଦ୍ଧିର ଅନ୍ୟତମ କାରଣ ଏଇ ରିଲ୍‌ଜୀବନ। ରିଲ୍‌ର ଅନେକ ତଥ୍ୟକୁ ଜୀବନରେ ପ୍ରୟୋଗଜନିତ ଆକୁଳତା, ସୁନ୍ଦର ସରସ ସଂସାରକୁ ବି ଛାରଖାର କରୁଛି। ଘରେଘରେ ଅଶାନ୍ତିକର ବାତାବରଣ ସୃଷ୍ଟି କରୁଛି। ସାମାଜିକ ସ୍ଥିତି ଏବେ ବିପନ୍ନ।

ରିଲ୍‌ର ଜୀବନ ଏକଦା ମିଥ୍ୟା ଓ ପ୍ରହେଳିକା ବୋଲି କୁହାଯାଉଥିଲା। ବାସ୍ତବତାଠାରୁ ବହୁ ଦୂରରେ। ରିଏଲଠାରୁ ରିଲ୍‌ର ଜୀବନ ଅଲଗା। ଏଥିରେ ବାରମ୍ବାର ରିଟେକ୍‌ର ସୁବିଧା ଥାଏ। କିନ୍ତୁ ରିଏଲରେ ସେ ସୁବିଧା ନ ଥାଏ। ରିଲ୍‌ରେ ଆବଦ୍ଧ ଦୃଶ୍ୟ ଯୁଗ ଯୁଗ ଧରି ସାଇତି ହୋଇ ରହେ। ବ୍ୟକ୍ତିର ଅବର୍ତ୍ତମାନରେ ବି ତାକୁ ଜୀବନ୍ତ କରି ଆମ ନିକଟରେ ଉଭା କରାଏ। ସ୍ମୃତିକୁ ସଜଳ କରାଏ। ଏବେ କିନ୍ତୁ ରିଏଲ ଲାଇଫ୍‌ଟି ରିଲ୍ ଲାଇଫ୍‌ରେ ପରିଣତ ହୋଇଛି। ଆଉ ରିଲ୍ କରିବା ରିଏଲ ବୋଲି ବିବେଚନା କରାଯାଉଛି।

**ଇନ୍ଦିରା ନଗର, ଚତୁର୍ଥ ଗଳି,**
**ରାୟଗଡ଼ା,ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ରାସ୍ତାରେ କେହି ଓଲଟା ଚାଲିବା ଦେଖିଲେ ଲୋକେ ସେମାନଙ୍କୁ ପାଗଳ ଅଥବା ଖିଆଲି ମଣିଷ ବୋଲି କୁହନ୍ତି। ହେଲେ ଜନସଂଖ୍ୟା ନିୟନ୍ତ୍ରଣ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ୩୨ ବର୍ଷ ହେଲାଣି ଓଲଟା ଚାଲୁଛନ୍ତି ଉତ୍ତରପ୍ରଦେଶ ମୀରଟର ଦମ୍ପତି ଦିନେଶ ତଲୱାର ଓ ଦିଶା ତଲୱାର। ବିଭିନ୍ନ ସହରକୁ ଯାଇ ଓଲଟା ଚାଲି ହାତରେ ଜନସଂଖ୍ୟା ନିୟନ୍ତ୍ରଣର ପ୍ଲାକାର୍ଡ ଧରି ସଚେତନ କରାଉଛନ୍ତି। ଏଭଳି ଅଭିନବ ଢଙ୍ଗରେ ପଦଯାତ୍ରା କରି ସେମାନେ ସମସ୍ତଙ୍କୁ ଦୁଇଟି ସନ୍ତାନ ଯଥେଷ୍ଟ ବୋଲି ବାର୍ତ୍ତା ଦେଉଛନ୍ତି। ଏବେ ସୁଦ୍ଧା ୪୦୦ ସହର ବୁଲି ସେ ଏଭଳି ପଦଯାତ୍ରା କରି ସାରିଲେଣି। ଏହି ଦମ୍ପତିଙ୍କ କହିବା ଅନୁସାରେ ବର୍ତ୍ତମାନ ସମୟରେ ପରିବେଶ ସନ୍ତୁଳନ ଠିକ୍ ରଖିବାକୁ ହେଲେ ଜନସଂଖ୍ୟା ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ। ଏଥିପାଇଁ ସେମାନେ ଲୋକଙ୍କୁ ସଚେତନ କରାଉଛନ୍ତି ଓ ସରକାର ମଧ୍ୟ ଏନେଇ କଠୋର ଆଇନ ଆଣିବା ଦରକାର ବୋଲି ପ୍ରସ୍ତାବ ଦେଇଛନ୍ତି। କୌଣସି ମହତ ଉଦ୍ଦେଶ୍ୟ ପୂରା କରିବାକୁ ହେଲେ ବାଧାବିଘ୍ନ ତ ନିଶ୍ଚୟ ଆସିଥାଏ। ସେହିଭଳି ପଦଯାତ୍ରା ସମୟରେ ସେମାନଙ୍କୁ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକେ ତାଚ୍ଛଲ୍ୟ କରିଥାନ୍ତି। କିନ୍ତୁ ତଲୱାର ଦମ୍ପତି ଲୋକଙ୍କୁ ସଚେତନ କରିବାରୁ ଓହରି ନାହାନ୍ତି। ପରିବେଶ ସୁରକ୍ଷା ଓ ଦେଶର ସମୃଦ୍ଧି ପାଇଁ ସମସ୍ତେ ସେମାନଙ୍କ ଉଦ୍ଦେଶ୍ୟକୁ ବୁଝିବା ଦରକାର ବୋଲି ଉଭୟେ କହିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଡିସେମ୍ବର ୧୯୭୫**

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରଘୁନାଥ ପ୍ରସାଦ ପାଢ଼ୀଙ୍କ ୬୪ ବର୍ଷ ବୟସରେ ପରଲୋକ।
- ଏସ୍.ଏଲ୍. ଚୋପ୍ରାଙ୍କ କେନ୍ଦ୍ର ସମାଜ ମଙ୍ଗଳ ବିଭାଗର ସେକ୍ରେଟାରୀ ରୂପେ ଦାୟିତ୍ୱ ଗ୍ରହଣ।
- ଫ୍ରାନ୍ସ ଓ ତୈଳ ସମୃଦ୍ଧ ଆରବ ଦେଶଗୁଡ଼ିକ ସହାୟତାରେ ମିଶରରେ ଏକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା ସ୍ଥାପନ କରାଯିବା ନେଇ ଫ୍ରାନ୍ସ ଓ ମିଶର ରାଷ୍ଟ୍ରପତି ଏକ ବନ୍ଧୁତା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଠକ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,
ବର୍ତ୍ତମାନ ଭାରତରେ ୱାଟର ପ୍ୟୁରିଫାୟର ମେଶିନ, ୩/୪ଟି ବର୍ନରଯୁକ୍ତ ଗ୍ୟାସ୍ ଷ୍ଟୋଭ୍, ଧୂମ ନିର୍ଗମନ ଚିମିନି, ଫ୍ରିଜ୍ ଇତ୍ୟାଦି ବହୁଳ ଭାବରେ ବ୍ୟବହାର କରାଯାଉଛି। ଏସବୁ ଉତ୍ପାଦ ସ୍ଥାନୀୟ ଡିଲରମାନେ ସତମିଛ ପ୍ରତିଶ୍ରୁତି ଦେଇ ବିକ୍ରି କରୁଛନ୍ତି। ହେଲେ ଦୁଃଖର ବିଷୟ, ଅଳ୍ପ କିଛିଦିନ ବ୍ୟବହାର ପରେ ଏସବୁ ଖରାପ ହୋଇଯାଉଛି। କମ୍ପାନୀ ତରଫରୁ ଠିକ୍ ସର୍ଭିସ ଯୋଗାଇ ଦିଆଯାଉନାହିଁ କିମ୍ବା ରିପ୍ଲେସ୍‌ମେଣ୍ଟ ମଧ୍ୟ କରାଯାଉନାହିଁ। କମ୍ପାନୀ ମାଲିକ ଓ ସ୍ଥାନୀୟ ଠକ ବିକ୍ରେତାଗଣ ମାଲାମାଲ ହେଉଥିବା ବେଳେ ଏହାକୁ କିଣୁଥିବା ଲୋକେ ହୀନସ୍ତା ହେଉଛନ୍ତି। ସ୍ଥାନୀୟ ବିକ୍ରେତା ଖାଉଟିଙ୍କୁ ଭୁଆଁ ବୁଲାଉଛନ୍ତି। ସେମାନଙ୍କୁ ଦଣ୍ଡ ଓ ଜରିମାନା ସହ ସରକାର ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମନ-ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିପାଁ ଲାଗିଲା ମୁଗ୍‌ଧ କାଉଁରୀ
ମନେ ନାହିଁ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆସ୍ୟୁରାନ୍ସ ମୋଡ୍‌ରେ ହେଲ୍‌ଥ କାର୍ଡ ଦିଆଯିବ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭିଜନ୍ ଓଡ଼ିଶା ହେଲ୍‌ଥ କନ୍‌କ୍ଳେଭ୍**

- ଦ୍ୱିଗୁଣିତ ହେବ ମେଡିକାଲ କଲେଜ ପିଜି ସିଟ୍ ସଂଖ୍ୟା
- ୨ବର୍ଷରେ ପ୍ରତି ପଞ୍ଚାୟତରେ ହେଲ୍‌ଥ ଆଣ୍ଡ୍ ଡାଏଲିସିସ୍ ସେଣ୍ଟର
- ସରକାରୀ ହସ୍ପିଟାଲରେ ଆରମ୍ଭ ହେବ ପେସେଣ୍ଟ ଟ୍ରାକିଂ ଓ ବାୟୋମେଟ୍ରିକ ସିଷ୍ଟମ



କନ୍‌କ୍ଳେଭ୍‌ରେ ବାଚସ୍ପତି ସୁରମା ପାଢ଼ୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସଂରଚନାକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ରାଜ୍ୟର ସାଢେ ୩କୋଟି ଲୋକଙ୍କୁ ଦେଶର ୨୭ହଜାର ଡାକ୍ତରଖାନାରେ ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯିବ। ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଖର୍ଚ୍ଚ ଆରମ୍ଭ ହୋଇଥିବାବେଳେ କେବଳ କାର୍ଡ ଦିଆଯିବ। ଇନ୍‌ସ୍ୟୁରାନ୍ସ ନୁହେଁ, ଆସ୍ୟୁରାନ୍ସ ମୋଡ୍‌ରେ ଏସବୁ ହେଲ୍‌ଥ କାର୍ଡ ଦିଆଯିବ। ଇନ୍‌ସ୍ୟୁରାନ୍ସ ପାଇଁ କୌଣସି ଥାର୍ଡ ପାର୍ଟି, ଲିଙ୍କ୍ କିମ୍ବା ସେଟେଲମେଣ୍ଟ କରିବାକୁ ପଡିବ ନାହିଁ। ସିଧାସଳଖ ହସ୍ପିଟାଲ ଯାଇ କାର୍ଡ ଦେଖାଇ ଚିକିତ୍ସା ସେବା ପାଇବେ। ପୁରୁଷଙ୍କ ପାଇଁ ୫ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ରହିଛି। ରାଜ୍ୟ ବାହାରେ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ଏହି କାର୍ଡରେ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ରବିବାର ଇଂଲିଶ ଖବରକାଗଜ ଇଣ୍ଡସ୍ ଭ୍ୟାଲି ଟାଇମ୍ସ ଏବଂ ସେଣ୍ଟର ଫର୍ ସୋସିଓ-ଇକୋନୋମିକ ଷ୍ଟଡିଜ୍ (ସିଏସ୍‌ଇଏସ୍) ପକ୍ଷରୁ ଆୟୋଜିତ 'ଭିଜନ୍ ଓଡିଶା ହେଲ୍‌ଥ କନ୍‌କ୍ଳେଭ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଏବେ ରାଜ୍ୟରେ ମେଡିକାଲ୍ କଲେଜଗୁଡିକରେ ପିଜି ସିଟ୍ ସଂଖ୍ୟା ପ୍ରାୟ ୧୧ଶହ ଥିବାବେଳେ ଆଗାମୀ ୫ବର୍ଷରେ ଏହାକୁ ଦ୍ୱିଗୁଣିତ କରାଯିବ। ୨ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତରେ ହେଲ୍‌ଥ ଆଣ୍ଡ୍ ଡାଏଲିସିସ୍ ସେଣ୍ଟର ସ୍ଥାପନ କରାଯିବ। ନ୍ୟାଶନାଲ ଡାଏଲିସିସ୍ ମିଶନ ଅଧୀନରେ ରାଜ୍ୟରେ ପିପିପି ମୋଡ୍‌ରେ ଏହି ସେଣ୍ଟର ଖୋଲାଯିବ। ପ୍ରତି ଜିଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ। ଏହାଛଡ଼ା ଖୁବ୍‌ଶୀଘ୍ର ସରକାରୀ ହସ୍ପିଟାଲରେ ପେସେଣ୍ଟ ଟ୍ରାକିଂ ଓ ବାୟୋମେଟ୍ରିକ ସିଷ୍ଟମ ଆରମ୍ଭ ହେବ। ଘରୋଇ ହସ୍ପିଟାଲ ଭଳି ସରକାରୀ ହସ୍ପିଟାଲରେ ମଧ୍ୟ ସବୁ ରୋଗୀଙ୍କ ତଥ୍ୟ ରହିବ ବୋଲି ମନ୍ତ୍ରୀ କହିଛନ୍ତି।

ବାଚସ୍ପତି ସୁରମା ପାଢୀ କହିଲେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ପ୍ରାଥମିକ ଓ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆଧୁନିକ ଯନ୍ତ୍ରପାତି, ଆବଶ୍ୟକ ପ୍ରଶିକ୍ଷିତ କର୍ମଚାରୀ ଓ ଚିକିତ୍ସକଙ୍କ ଅଭାବ ଯେତେ ଶୀଘ୍ର ସମ୍ଭବ ପୂରଣ ହେବା ଆବଶ୍ୟକ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଓଡିଶାର ବର୍ତ୍ତମାନ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମ୍ପର୍କରେ ମତ ରଖିବା ସହ ଏହାକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁ ରୋଗ ଚିକିତ୍ସକ ଡା. ରାକେଶ ପାଣିଗ୍ରାହୀ, ପ୍ରାଧ୍ୟାପକ ଅଶୋକ ଆଚାର୍ଯ୍ୟ, ସାମ୍ବାଦିକ ପ୍ରସନ୍ନ ମହାନ୍ତି, ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକା ସୁପ୍ରିୟା ପ୍ରିୟଦର୍ଶିନୀ ଓ ଚିନ୍ମୟୀ ସାହୁଙ୍କୁ 'ଦିଲୀପ ଶତପଥୀ' ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମାଲକାନଗିରିର ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ପ୍ରତିନିଧି ଦେବ ପ୍ରସାଦ ଦାଶ, ସାମ୍ବାଦିକ ଚିତ୍ତରଞ୍ଜନ ବେଉରାଙ୍କ ସହ ୨ଟି ହସ୍ପିଟାଲକୁ ସମ୍ମାନିତ କରାଯାଇଥିଲା।

## ରାଜଧାନୀ ପୁସ୍ତକମେଳା ପୁରସ୍କାର ଘୋଷଣା

ଭୁବନେଶ୍ୱର,୧୫।୧୨ (ସୌମ୍ୟରଞ୍ଜନ ରାଉତ)

ରାଜଧାନୀ ପୁସ୍ତକମେଳା କମିଟି ପକ୍ଷରୁ ଚଳିତବର୍ଷ ଓଡିଆ ସାହିତ୍ୟର ୧୧ଟି ବିଭାଗରେ ୧୪ଜଣଙ୍କୁ 'ରାଜଧାନୀ ପୁସ୍ତକମେଳା ପୁରସ୍କାର' ଦିଆଯିବ। କମିଟି ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ଏନେଇ ଘୋଷଣା କରାଯାଇଛି। ପ୍ରବନ୍ଧ ପୁସ୍ତକ 'ଓଡ଼ିଶାର ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ' ପାଇଁ ରମେଶଚନ୍ଦ୍ର ସାହୁ, ଉପନ୍ୟାସ ପୁସ୍ତକ 'ସଦାନନ୍ଦର ପୃଥିବୀ' ପାଇଁ ଭାନୁମତୀ ସାହୁ, କ୍ଷୁଦ୍ରଗଳ୍ପ ପୁସ୍ତକ 'ବିଦୀର୍ଣ୍ଣ ବସୁଧା' ପାଇଁ ଡ. ଉର୍ମିମାଳା ଆଚାର୍ଯ୍ୟ ଓ 'ଦେବହୂତି' ପାଇଁ ଡ. ଅଭୟ କୁମାର ନାୟକ, କବିତା ପୁସ୍ତକ 'ତମେ ଥିଲେ ସବୁ ଅଛି' ପାଇଁ ଅଶ୍ୱିନୀ ସୂତାର, ଧର୍ମ ସାହିତ୍ୟ ପୁସ୍ତକ 'ମୃତ୍ୟୁପରେ ଜୀବାତ୍ମାର ଅସ୍ତିତ୍ୱ' ପାଇଁ ଡ. ନୃସିଂହାନନ୍ଦ ମହାପାତ୍ର, ଅନୁବାଦ ସାହିତ୍ୟ ପୁସ୍ତକ 'ବରଫର ଦେଶ' ପାଇଁ ସୋମନାଥ ଓଝା, ନାଟକ ପୁସ୍ତକ 'ଏବେବି ଧରମା ବଞ୍ଚିଛି' ପାଇଁ ଡ. ରମାକାନ୍ତ ନାୟକ, ଜୀବନୀ ପୁସ୍ତକ 'ମୋ ପିଲାଦିନର ଆମ ଗାଁ' ପାଇଁ ନଟବର ଖୁଣ୍ଟିଆ, ବିଜ୍ଞାନ ସାହିତ୍ୟ ପୁସ୍ତକ 'ସୁଖନିଦ୍ରା' ପାଇଁ ପ୍ରଫେସର ଡାକ୍ତର ରବୀନ୍ଦ୍ରନାଥ ସାହୁ, ଶିଶୁକବିତା ପୁସ୍ତକ 'ଗପର ମହକ ଗୀତର ମହୁ' ପାଇଁ ହରିହର ଶୁକ୍ଳା, ଶିଶୁ ବିଜ୍ଞାନପୁସ୍ତକ 'ମୁଁ ବୈଜ୍ଞାନିକ ହେବି' ପାଇଁ ଡ. କୃତ୍ତିବାସ ନାୟକ, ଗୀତି କବିତା ପୁସ୍ତକ 'ପ୍ରୀତିନନ୍ଦା' ପାଇଁ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ 'ସୁଧାଂଶୁମୋହନ ରାଉତରାୟ ସ୍ମୃତି ସମ୍ମାନ' ଓ ବ୍ୟଙ୍ଗ ସାହିତ୍ୟ ପୁସ୍ତକ 'ଭୁଲା ଅତୀତ' ପାଇଁ ଗୋପୀନାଥ ମଲିକ 'ରାଜଧାନୀ ପୁସ୍ତକମେଳା ପୁରସ୍କାର' ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୪ତମ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯିବ। ଏହି ବୈଠକରେ କମିଟି ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶଚନ୍ଦ୍ର ସ୍ୱାଇଁ, ଅନ୍ୟତମ ସଭ୍ୟ ବୀରକିଶୋର ପ୍ରଧାନ ଓ କମଳିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।


ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ଏଆଇୟୁଟିୟୁସି ପକ୍ଷରୁ ଆୟୋଜିତ ୨୨ତମ ଅଲ୍ ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେଇଥିବା ମହିଳା। (ଫଟୋ: ବିକାଶ ନାୟକ)

# ଶ୍ରମିକ ବିରୋଧୀ ଆଇନ ପ୍ରତ୍ୟାହାର ପାଇଁ ତେଜିଲା ସ୍ୱର

### ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ

ଭୁବନେଶ୍ୱର,୧୫।୧୨(ସୁଚିସ୍ମିତା ସାହୁ)




ଶ୍ରମିକ ବିରୋଧ ଆଇନ ପ୍ରତ୍ୟାହାର, ଠିକା ଶ୍ରମିକ ଓ ଅଣ ସଂଗଠିତ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ସ୍କିମ ଓ ଶ୍ରମିକ ବାହିନୀଙ୍କୁ ସରକାରୀ ମାନ୍ୟତା, ସମାନ କାମକୁ ସମାନ ଦରମା ଓ କର୍ମକ୍ଷେତ୍ରରେ ନିରାପତ୍ତା ପ୍ରଦାନ କରିବାକୁ ଏଆଇୟୁଟିୟୁସି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଦେଶର କର୍ପୋରେଟ ହାଉସ ସ୍ୱାର୍ଥରେ ଖଟିଖିଆ ମେହେନତି ମଣିଷଙ୍କ ଉପରେ ଯେଉଁ ଆକ୍ରମଣ ହେଉଛି, ତାହାକୁ ବନ୍ଦ କରା ନ ଗଲେ ଆନ୍ଦୋଳନ ତେଜିବ ବୋଲି ଶ୍ରମିକ ନେତାମାନେ ଚେତାବନୀ ଦେଇଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବଡ଼ଧରଣର ଶୋଭାଯାତ୍ରା ଓ ଗଣ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜମହଲ ଛକରୁ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜି ସମାବେଶ ସ୍ଥଳରେ ପହଞ୍ଚିଥିଲା। ଏଥିରେ ସାରା ଓଡିଶାରୁ ପ୍ରାୟ ୨୦ ହଜାର ସଙ୍ଗଠିତ ଓ ଅଣ ସଙ୍ଗଠିତ କ୍ଷେତ୍ରର ଶ୍ରମିକ ଓ କର୍ମଚାରୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣନୀତି ବିରୋଧରେ ଐକ୍ୟବଦ୍ଧ ସଂଗ୍ରାମ ସଂଗଠିତ କରିବା ପାଇଁ ଶପଥ ନେଇଥିଲେ।

ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କେ. ରାଧାକ୍ରିଷ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ରାଜ୍ୟ ସମ୍ପାଦକ ଜୟସେନ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ୱାର୍ଲ୍ଡ ଫେଡେରେଶନ ଅଫ ଟ୍ରେଡ ୟୁନିୟନ୍ସର ସଭାପତି ମାଜୱିଣ୍ଡିଲ ମାଇକେଲ ମାର୍କୱିନା ଜନସଭାକୁ ସମ୍ବୋଧିତ କରି ସାରା ବିଶ୍ୱର ଶ୍ରମିକ ଶ୍ରେଣୀର ସଂହତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ଏଆଇୟୁଟିୟୁସିର ସର୍ବଭାରତୀୟ ଉପସଭାପତି ସତ୍ୟବାନ୍, ସ୍ୱପନ ଘୋଷ, ସମ୍ପାଦକ ମଣ୍ଡଳି ସଦସ୍ୟ ଅରୁଣ ସିଂ, ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତ ବକ୍ତବ୍ୟ ରଖିଥିଲେ।

ଏହାପରେ ସାମନ୍ତରାପୁର ରୟାଲ ରିସର୍ଟଠାରେ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଲ୍ ନେପାଳ ଟ୍ରେଡ୍ ୟୁନିୟନ ଫେଡେରେଶନର ଉପ ସାଧାରଣ ସମ୍ପାଦକ ଓପେନ୍ଦ୍ର ରୟ, ବଙ୍ଗଳାଦେଶ ୱାର୍କର୍ସ ଆଣ୍ଡ ଏମ୍ପ୍ଲୟିଜ ଫେଡେରେଶନର ଶେଖର ରୟ, ଏଏନ୍‌ଟିୟୁଏଫ୍ ନେପାଳର ଟିକାରାମ ପରସାଇ ଯୋଗଦେଇ ଐକ୍ୟବଦ୍ଧ ହୋଇ ନ୍ୟାୟ ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଏଆଇସିସିଟିୟୁର ଜାତୀୟ ସମ୍ପାଦକ ମହେନ୍ଦ୍ର ପରିଡା, ଟିୟୁସିସିର ଜାତୀୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିଆଇଟିୟୁର ଜାତୀୟ ସମ୍ପାଦକ କେ ଏନ ଉମେଶ ଓ ୟୁଟିୟୁସିର ଜାତୀୟ ସମ୍ପାଦକ ଦୀପକ ଦାସ ପ୍ରମୁଖ ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସିନୋଜ


@ ଆଲୋକ


@ ତେଜସ୍ୱିତା


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ ପଦ୍ମବେଶ ଅନୁକୂଳ

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)



ଆସନ୍ତା ଫେବୃଆରୀ ୧ ତାରିଖରେ ଦୁର୍ଲଭ ପଦ୍ମବେଶରେ ସୁସଜ୍ଜିତ ହେବେ ଦାରୁବିଗ୍ରହ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ସେବକ ଓ କାରିଗରମାନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପଦ୍ମବେଶ ପାଇଁ ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଥାଏ। ପରେ କାରିଗର, ଚିତ୍ରକରମାନେ ବେଶ ନିଷ୍ଠାର ସହ ପ୍ରସ୍ତୁତ କରିଥାନ୍ତି। ପରମ୍ପରା ଅନୁସାରେ ରବିବାର ପଣ୍ଡୁ ପୂର୍ଣ୍ଣିମା ଅବସରରେ ପଦ୍ମବେଶ ଅନୁକୂଳ ହୋଇଛି। ପଦ୍ମବେଶ ଭକ୍ତର ଭକ୍ତି ଓ ଭାବମୂଳକ ବେଶ ବୋଲି ବିବେଚନା କରାଯାଏ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ଶ୍ରୀବିଗ୍ରହମାନଙ୍କୁ ପଦ୍ମବେଶ କରାଯାଇଥାଏ। ଶ୍ରୀବିଗ୍ରହମାନେ ପ୍ରତ୍ୟେକ ଦିନ ଓ ରାତିରେ ବଡ଼ସିଂହାର ବେଶରେ ପହୁଡ଼ ଯାଇଥାନ୍ତି, ମାତ୍ର ବର୍ଷକରେ କେବଳ ଏହି ଗୋଟିଏ ଦିନ ପଦ୍ମବେଶରେ ପହୁଡ଼ ଯାଆନ୍ତି। ପରମ୍ପରା ଅନୁଯାୟୀ, ବଡ଼ଛତା ମଠ ପରିସରରେ ମୁଖ୍ୟ କାରିଗର ବସନ୍ତ ରଣା ବେଶ କାର୍ଯ୍ୟ ଅନୁକୂଳ କରିଛନ୍ତି। ପୂଜାର୍ଚ୍ଚନା କରି ସୋଲ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ପ୍ରାୟ ଦେଢ ମାସ ଧରି ଚାଲିବ। କାରିଗରମାନେ ଶୁଦ୍ଧପୂତ ଭାବେ ହବିଷାନ୍ନ ଗ୍ରହଣ କରି କାର୍ଯ୍ୟ କରିବେ। ଶ୍ରୀବିଗ୍ରହମାନଙ୍କ ନିମନ୍ତେ ଚୂଳ, ଶ୍ରୀମୁଖ ପଦ୍ମ, କର ପଲ୍ଲବ, ପଦ୍ମକଢି, ଗଛ, ଡାଳିଲତା ପ୍ରଭୃତି ସୋଲରେ ତିଆରି କରାଯାଇ ପଦ୍ମଫୁଲ ପ୍ରସ୍ତୁତ କରାଯିବ। ମୁଖ୍ୟତଃ ୮୦ଟି ଛୋଟ ପଦ୍ମ, ୪ଟି ପଦ୍ମକଢି ବା କରପଲ୍ଲବ, ୪ଟି ହଂସ, ୭ଟି ଗଛ ସହ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ।

# ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)



ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

ଜଙ୍ଗଲ ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନକରେ। ଫରେଷ୍ଟ କଭରରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ୨ୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ଅନ୍ୟତମ। ୨୦୨୫ରୁ ୨୦୭୦ ଅର୍ଥାତ୍ ଆସନ୍ତା ୪୫ ବର୍ଷରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ, ସମ୍ବଲପୁର ଜୋନ୍ ସାଧାରଣ ପରିଷଦ ବୈଠକରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାର ୧୯ଟି ଅଭୟାରଣ୍ୟ ଭିତରୁ ୪ଟି ସମ୍ବଲପୁରରେ ରହିଛି। ତେଣୁ ଏ ଅଞ୍ଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ ଏସବୁ ମଧ୍ୟରେ ସମନ୍ୱୟ ରକ୍ଷାକରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କେବଳ ପରିବେଶ ପାଇଁ ଅନୁକୂଳ ନୁହେଁ ଏହା ମଧ୍ୟ ରୋଜଗାରର ଏକ ବଡ଼ ମାଧ୍ୟମ। ଆମ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ। ଜଙ୍ଗଲ ଭିତରେ ରହିଥିବା ଜଳାଶୟଗୁଡ଼ିକର ବିକାଶ, ଜଙ୍ଗଲ ଜମିର ଅଧିକାର, ପେସା ଆଇନ କାର୍ଯ୍ୟକାରୀ କରିବା, ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ଆଦି ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ। ସେହିପରି ପରିବର୍ତ୍ତିତ ବିଶ୍ୱରେ ନୂତନ ପ୍ରଯୁକ୍ତି ସହାୟତାରେ ଆମ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ୨୦୭୦ ସୁଦ୍ଧା ଭାରତକୁ କାର୍ବନ ନିର୍ଗମନ କ୍ଷେତ୍ରରେ ନେଟ୍ ଜିରୋ କରିବାର ସଂକଳ୍ପ ଆମେ ନେଇଛୁ। ମିଶନ ଲାଇଫ୍‌ର ପରିକଳ୍ପନା ସାଙ୍ଗକୁ ପ୍ରଧାନମନ୍ତ୍ରୀ ଦେଶରେ 'ଏକ୍ ପେଡ୍ ମାଆ କେ ନାମ୍' ଅଭିଯାନର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଓଡ଼ିଶାର ୮ ହଜାରରୁ ଅଧିକ ନନ୍-ଗେଜେଟେଡ୍ ବନ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟବୋଧ ପାଇଁ ଓଡ଼ିଶାର ଜୈବ-ବିବିଧତା ସନ୍ତୁଳିତ ହୋଇ ରହିଛି। ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ଲାଗୁ କରିବାର ବିଧିବଦ୍ଧ ନିଷ୍ପତ୍ତି ଓଡ଼ିଶା ସରକାର ନେଇଛନ୍ତି। ଏହି ଶିକ୍ଷାନୀତି ଅନୁଯାୟୀ ଯେଉଁ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ହେବ, ସେଥିରେ ଓଡ଼ିଶାର ଜଙ୍ଗଲ-କୈନ୍ଦ୍ରିକ ସଂସ୍କୃତି, ଇତିହାସ ଓ ସମ୍ଭାବନା ବିଷୟରେ ଶିକ୍ଷା ଦିଆଯିବ। ଜଙ୍ଗଲ ହେଉଛି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପଢ଼ିବା ଅଭ୍ୟାସ ବଢ଼ିଲେ ପାଠାଗାରର ସୁବିନିଯୋଗ ହେବ

ଭୁବନେଶ୍ୱର,୧୫।୧୨(ସୁଚିସ୍ମିତା ସାହୁ)

ଯୁବପିଢ଼ିଙ୍କ ସହ ବିଭିନ୍ନ ବର୍ଗଙ୍କ ଜ୍ଞାନର ପରିସୀମାକୁ ବୃଦ୍ଧି କରିବା ଦିଗରେ ପାଠାଗାରର ପ୍ରମୁଖ ଭୂମିକା ରହିଛି। ବର୍ତ୍ତମାନ ସମୟରେ ପାଠାଗାରଗୁଡ଼ିକୁ ଆଧୁନିକୀକରଣ କରିବାକୁ ପଡ଼ିବ। ପାଠ ପଢ଼ିବାର ଅଭ୍ୟାସକୁ ପୁଣି ଥରେ ଫେରାଇ ଆଣିବାକୁ ହେବ। ପଢ଼ିବା ଅଭ୍ୟାସ ବଢ଼ିଲେ ପାଠାଗାରର ଠିକ୍ ଉପଯୋଗ ହୋଇପାରିବ ବୋଲି ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଶା ସଙ୍ଗଠନ 'ଓଡ଼ିଶା ସୋସାଇଟି ଅଫ ଦ ଆମେରିକାସ' (ଓସା) ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ରବିବାର ଦିନିକିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ଓଡ଼ିଶା ଗ୍ରାମୀଣସ୍ତରରେ ଆଧୁନିକ ସର୍ବସାଧାରଣ ପାଠାଗାର ସ୍ଥାପନ ପାଇଁ ଓସା ପକ୍ଷରୁ ଯେଉଁ ପ୍ରସ୍ତାବ ଦିଆଯାଇଛି ତାହା ସ୍ୱାଗତଯୋଗ୍ୟ। ଏ ଦିଗରେ ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ବିଧାୟକଙ୍କ ହାତପାଣ୍ଠିର ବିନିଯୋଗ କରାଯାଇ ପାରିଲେ ରାଜ୍ୟର ସମସ୍ତ ବ୍ଲକସ୍ତରରେ ପାଠାଗାର ସ୍ଥାପନ ସମ୍ଭବ ହୋଇପାରିବ। ଆଧୁନିକ ପାଠାଗାରର ନିର୍ମାଣ ନେଇ ଏକ ରୋଡମ୍ୟାପ ପ୍ରସ୍ତୁତ କରିବା ପାଇଁ ସେ 'ଓସା'ର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। 'ଓସା'ର ସଭାପତି ଲିନା ମିଶ୍ର ରାଜ୍ୟରେ ପ୍ରତି ପଞ୍ଚାୟତସ୍ତରରେ ଅତ୍ୟାଧୁନିକ ପାଠାଗାର ସ୍ଥାପନ କରାଗଲେ, ତାହା କିପରି ସାମାଜିକ ଏବଂ ଆର୍ଥିକ ବିକାଶ ଦିଗରେ ସହାୟକ ହେବ ସେନେଇ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ 'ଆଧୁନିକ ସର୍ବସାଧାରଣ ପାଠାଗାର ଓ ବିକାଶର ଚାବିକାଠି' ଏବଂ 'ନଲେଜ ସୋସାଇଟି ଗଠନରେ ଆଧୁନିକ ପାଠାଗାରର ଭୂମିକା' ଶୀର୍ଷକରେ ଦୁଇଟି ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। ଏଥିରେ ଓସା ପକ୍ଷରୁ ଓଡ଼ିଶା ସର୍ବସାଧାରଣ ପାଠାଗାର ଅଭିଯାନର ଅଧ୍ୟକ୍ଷ ନିଶିକାନ୍ତ ସାହୁ ଏବଂ ସହ ଅଧ୍ୟକ୍ଷ ଡ. ଅଜୟ ମହାନ୍ତି ଯୋଗଦେଇ ବିଭିନ୍ନ ତଥ୍ୟ ଏବଂ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ର, ଓଡ଼ିଶା ଲାଇଫର ସମ୍ପାଦକ ନୀଳାମ୍ବର ରଥ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅଧ୍ୟାପକ ଡ. ଦେବୀଲାଲ ମିଶ୍ର, ପ୍ରଫୁଲ୍ଲ ପାଠାଗାରର ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାଶ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ସୁଜିତ କୁମାର ମହାପାତ୍ର ଏବଂ ଓସା ପକ୍ଷରୁ ଓଡ଼ିଶା ସର୍ବସାଧାରଣ ପାଠାଗାର ଅଭିଯାନର ସଦସ୍ୟ ନଳିନୀ ପଟ୍ଟନାୟକ ପ୍ରମୁଖ ଅଧିବେଶନରେ ଯୋଗଦେଇଥିଲେ। ଓସା ଓଡ଼ିଶା ଲାଇବ୍ରେରି ନେଟୱର୍କର ସଦସ୍ୟ ପ୍ରଣବ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ଲାଇବ୍ରେରି ସାଇନ୍ସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବାମନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

**'ଓସା' ପକ୍ଷରୁ ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ**

# କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ

ତ୍ରିଶୂଳିଆ,୧୫।୧୨(ତୁଷାରକାନ୍ତ ବେହେରା)

ମୁଣ୍ଡଳୀସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ସେକେଣ୍ଡ-ଇନ୍-କମାଣ୍ଡାଣ୍ଟ ଡ. ତୀର୍ଥବାସୀ ସାହୁ ଯୋଗଦେଇ ଛାତ୍ରୀଛାତ୍ର କର୍ମଠ ଏବଂ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ବନ୍ଦନା ମହାନ୍ତି ସାମିଲ ହୋଇଥିଲେ। ପ୍ରାରମ୍ଭରେ ପ୍ରାଚାର୍ଯ୍ୟ ଅଜୟ କୁମାର ସାହୁ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାପନା ଏବଂ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷା ବନ୍ଦନା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅପର୍ଣ୍ଣା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ମିର୍ଜା ତାହିର ବେଗ୍ ଏବଂ ବିଜୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚନ୍ଦ୍ରକାନ୍ତ ପାଣ୍ଡେ ସଞ୍ଚାଳନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଇନ୍ଦ୍ରାଣୀ ମିତ୍ରା ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ବାରଙ୍ଗ କୁଞ୍ଜବିହାରୀ କଲେଜ ୧୯୯୨ ବ୍ୟାଚ୍ ବନ୍ଧୁମିଳନ

ତ୍ରିଶୂଳିଆ,୧୫।୧୨(ତୁଷାରକାନ୍ତ ବେହେରା)

ବାରଙ୍ଗ କୁଞ୍ଜବିହାରୀ କଲେଜର ୧୯୯୨ ସ୍ନାତକୋତ୍ତର ପାସ୍‌ଆଉଟ ବ୍ୟାଚ୍‌ଙ୍କ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାରଙ୍ଗ କୁଞ୍ଜବିହାରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ପରେ ଏହି ବନ୍ଧୁମିଳନ ହୋଇଥିବାରୁ ହସଖୁସି, ଭୋଜିଭାତରେ ଆସର ଜମିଥିଲା। ନିଜ ନିଜ ବାବଦରେ ସମସ୍ତେ ଭାବର ଆଦାନପ୍ରଦାନ କରିଥିଲେ। ସମସ୍ତେ କୁଞ୍ଜବିହାରୀ କଲେଜର ଉନ୍ନତିରେ ସାହାଯ୍ୟ ସହଯୋଗ ପାଇଁ ନିଷ୍ପତ୍ତି ନେଇଥିଲେ। ଅଧ୍ୟକ୍ଷା ଲିପିପୁଷ୍ପା ନାୟକ, ଅଧ୍ୟାପକ ବାବୁରାମ ପରିଡ଼ା, ଜ୍ଞାନରଞ୍ଜନ ମହାପାତ୍ର, ବିମଳ ଚନ୍ଦ୍ର ଦାଶ, କାଳୀଚରଣ ପଟ୍ଟନାୟକ, ଇନ୍ଦ୍ରମଣି ମହାଭୋଇ, ମନୀନ୍ଦ୍ର କୁଅଁର, ଅଶୋକ ବିଶ୍ୱାସ ଏଥିରେ ସାମିଲ ହୋଇଥିଲେ। ୧୯୯୨ ବ୍ୟାଚ୍‌ର ସୁବାସ ଚନ୍ଦ୍ର ପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ସତ୍ୟପ୍ରସାଦ ରଥ, ଦୁଷ୍ମନ୍ତ ସ୍ୱାଇଁ, ଚନ୍ଦ୍ରମା ସାସ୍‌ମଲ, ନର୍ମଦା ସ୍ୱାଇଁ, ଗୁନୁ ପଟ୍ଟନାୟକଙ୍କ ସମେତ ପ୍ରାୟ ୫୯ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାଲିପାଟଣା,୧୫।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିକ୍ଷାନୁଷ୍ଠାନ ବାଗ୍‌ଦେବୀ ବିଦ୍ୟା ମନ୍ଦିରରେ ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ସରିପୁରସ୍ଥିତ ଖେଳପଡ଼ିଆଠାରେ ରବିବାର ଶେଷ ହୋଇଛି। ପରିଚାଳନା ପରିଷଦ ସଭାପତି ତଥା ବାଲିପାଟଣା ପ୍ରେସ୍ କ୍ଲବ୍‌ର ସଭାପତି ଦିଲୀପ କୁମାର ଓଝା ପତାକା ଉତ୍ତୋଳନକରି କ୍ରୀଡ଼ା ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୫୦ ମିଟର ଦୌଡ଼, ୧୦୦ ମିଟର ଦୌଡ଼, ୨୦୦ମିଟର ଦୌଡ଼, ଗଣିତ ଦୌଡ଼, ମାଳିଗୁନ୍ଥା, ଲେମ୍ବୁ ଚାମୁଚ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଅଭିମନ୍ୟୁ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ କ୍ରୀଡ଼ାକ୍ଷେତ୍ରରେ ମନଯୋଗ ଦେବା ନିତାନ୍ତ ଜରୁରୀ। ବିଦ୍ୟାଳୟ ଅଧ୍ୟକ୍ଷା ପବିତ୍ରା ଦାସ, ଶିକ୍ଷକ ସୁନୀଲ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ, ଛବିତା ମହାପାତ୍ର, ଊର୍ମିଳା ସେନାପତି, ରସ୍ମିତା ପାଳ, ମଧୁସ୍ମିତା ଜେନା, ବନଶ୍ରୀ ରାଉତ, ପୁଷ୍ପାଞ୍ଜଳୀ ଜେନା, ସୁନିତା ସାହୁ, କର୍ମଚାରୀ କାଳନ୍ଦୀ ଭୋଇ ଓ ମଧୁସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨ଜଣଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'


ଶ୍ରୀନୃତ୍ୟୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ ଶିଳ୍ପୀଙ୍କ ସହ ଅତିଥିମାନେ।

**ଶ୍ରୀନୃତ୍ୟୋତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱର,୧୫।୧୨(ସୌମ୍ୟରଞ୍ଜନ ରାଉତ)

ଶ୍ରୀ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଶ୍ରୀନୃତ୍ୟୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲେଖକ ତଥା ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ରାଜଶ୍ରୀ ଚିନ୍ତକ ଓ ମିନାକ୍ଷୀ ବେହେରା ଯୋଗଦେଇଥିଲେ। ଉତ୍ସବର ପ୍ରଥମ ଅର୍ଘ୍ୟରେ ନମିତା ରାୟଙ୍କ ଦ୍ୱାରା ସଂଯୋଜିତ ଦଳଗତ ନୃତ୍ୟ 'ପରଂବ୍ରହ୍ମ ପୂର୍ଣ୍ଣବ୍ରହ୍ମ' ପରିବେଷିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ରହସ୍ୟମୟ ଅଲୌକିକ ତତ୍ତ୍ୱ ଉପରେ ଆଧାରିତ ଏହି ସଂରଚନା ଉପସ୍ଥିତ ଦର୍ଶକଙ୍କୁ ଅନନ୍ୟ ଦିବ୍ୟ ଅନୁଭୂତି ପ୍ରଦାନ କରିଥିଲା। ପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଆଲୋକା କାନୁନ୍‌ଗୋ ସ୍ୱପ୍ନାରାଣୀ ସିହ୍ନା ଓ ଅଙ୍କିତା ରଥ, ଗୁରୁ ମନୋରଞ୍ଜନ ପ୍ରଧାନ ଓ ମିନତୀ ପ୍ରଧାନଙ୍କ ଶ୍ରୀରାଧା କଳାକୁଞ୍ଜର ଶିଳ୍ପୀମାନେ ପରିବେଷଣ କରିଥିଲେ ଦଳଗତ ନୃତ୍ୟ। ଗୁରୁ ସନାତନ ନାୟକଙ୍କ ନୃତ୍ୟାଳୟର ଶିଳ୍ପୀଙ୍କ ଦଳଗତ ନୃତ୍ୟ ପରିବେଷଣ ସହ ଶ୍ରୀନୃତ୍ୟୋତ୍ସବ ଶେଷ ହୋଇଥିଲା। ଏହି ଅବସରରେ ନୃତ୍ୟଶିଳ୍ପୀ ଆଲୋକା କାନୁନ୍‌ଗୋ ଓ ଚିତ୍ରଶିଳ୍ପୀ ବୀରେନ୍ଦ୍ର ପାଣିଙ୍କୁ ନିରଳସ ଜୀବନବ୍ୟାପୀ ସାଧନା ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶ୍ରୀ ଡ୍ୟାନ୍ସ ଏକାଡ଼େମୀ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ସମ୍ପାଦିକା ନମିତା ରାୟ ଉତ୍ସବ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଦେଇଥିଲେ।

# ପଟିଆରେ ଥର୍ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୫।୧୨: ଥର୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଥର୍ ରେଷ୍ଟୁରାଣ୍ଟ ଆଣ୍ଡ କାଫେ) ନିକଟରେ ଭୁବନେଶ୍ୱରର ପଟିଆ ନିକଟସ୍ଥ କିଟ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତା ଶୁଭାଶିଷ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥର୍‌ର ଓନର ଆଶୁତୋଷ ସାହୁ ଓ ଅନ୍ୟମାନ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଥର୍ ରେଷ୍ଟୁରାଣ୍ଟ ଆଣ୍ଡ କାଫେରେଇଣ୍ଡିଆନ ଚାଇନିଜଓ କଣ୍ଟିନେଣ୍ଟାଲର ଖାଦ୍ୟ ସମ୍ଭାର ସାଙ୍ଗକୁ ଆରବିକ ହୁକ୍କା ଉପଲବ୍ଧ। ଏପରିକି ଏଠାରେ କର୍ପୋରେଟ ଇଭେଣ୍ଟ, ବିବାହ ଉତ୍ସବ, ବାର୍ଥ ଡେ ପାର୍ଟି ଏବଂ ସୋସିଆଲ ଇଭେଣ୍ଟ ଭଳି କାର୍ଯ୍ୟକ୍ରମର ସୁବିଧା ରହିଛି। ଅପରପକ୍ଷରେ ଥର୍‌ର ଉଦ୍‌ଘାଟନୀ ଅଫର ସବୁ ବର୍ଗର ଗ୍ରାହକଙ୍କ ପାଇଁ ୧ ସପ୍ତାହ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

# ଛାତ୍ରୀଛାତ୍ର ସାହସୀ, ସଚ୍ଚୋଟ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ




ଭୁବନେଶ୍ୱର,୧୫।୧୨(ବନ୍ଦନା ସେଠୀ)

ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଛାତ୍ରୀଛାତ୍ର ସାହସୀ, ସଚ୍ଚୋଟ ଏବଂ ନୀତିବାନ ହେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମହର୍ଷି କଲେଜର ପଦାର୍ଥ ବିଜ୍ଞାନ ସହକାରୀ ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ମିହିର ରଞ୍ଜନ ଶରଣ, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ ଯୋଗଦେଇ ସଂସ୍କାରୀ ଓ ଚରିତ୍ରବାନ ଛାତ୍ର ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଭାପତି ତଥା ସାମାଜିକ କର୍ମୀ ଅର୍ଜ୍ଜୁନ ବେହେରା ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ସର ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶାର ସଙ୍ଗଠନ ଆୟୁକ୍ତ ଅନାମିକା ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ କାହ୍ନୁଚରଣ ମହାକୁଡ଼ ଏଥିରେ ସଭାପତିତ୍ୱ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ଜ୍ୟୋତ୍ସ୍ନାରାଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ୭ ଘଣ୍ଟାରେ ସୀମିତ ଉଚ୍ଚତା ବିଶିଷ୍ଟ ରେଳ ଉପମାର୍ଗ ନିର୍ମାଣ



ଭୁବନେଶ୍ୱର,୧୫।୧୨
(ଅନୁରାଧା ମହାରଣା)

ହାଓଡା-ଚେନ୍ନାଇ ମୁଖ୍ୟ ଲାଇନରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ ଦେଖିବାକୁ ମିଳିଛି। ଯାଜପୁର କେନ୍ଦୁଝର ରୋଡ୍ ଏବଂ କୋରେଇ ହଲ୍ଟ ମଧ୍ୟରେ ୫.୧୬ କୋଟି ଟଙ୍କା ବ୍ୟୟରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (ଏଲ୍‌ଏଚ୍‌ଏସ୍) ନିର୍ମାଣ କରାଯାଇଛି। ମାତ୍ର ୭ ଘଣ୍ଟାରେ ଏହାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇପାରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ କେବଳ ରେଳ-ସଡ଼କ ସଂଯୋଗକୁ ବୃଦ୍ଧି କରିବା ସହ ଯାତ୍ରୀମାନଙ୍କ ପାଇଁ ଦୀର୍ଘଦିନର ଯାତାୟାତ ସମସ୍ୟାର ମଧ୍ୟ ସମାଧାନ କରିଛି। ବର୍ଷ ବର୍ଷ ଧରି ଯାତ୍ରୀମାନେ ବ୍ୟସ୍ତବହୁଳ ଷ୍ଟ୍ରେଚ୍ ଦେଇ ଏକାଧିକ ଟ୍ରେନ୍ ଗଲାବେଳେ ଲେଭଲ କ୍ରସିଂ (ଏଲ୍‌ସି) ଗେଟ୍‌ରେ ଯାତ୍ରା କରୁଥିଲେ। ଏଥିପାଇଁ ଯାତ୍ରୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବାବେଳେ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଥିଲା।

# ଜେଡ୍ ୱାନ୍ ଓ୍ୱିଣ୍ଟରଫେଷ୍ଟ ଆଣ୍ଡ କାର୍ନିଭାଲ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୨

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜେଡ୍ ୱାନ୍ କ୍ଲବ ପ୍ରାନ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ବାର୍ଷିକ ଉତ୍ସବ 'ଜେଡ୍ ୱାନ୍ ଓ୍ୱିଣ୍ଟରଫେଷ୍ଟ ଆଣ୍ଡ କାର୍ନିଭାଲ-୨୦୨୪' ଉଦ୍‌ଯାପିତ ହୋଇଯାଇଛି। ନୃତ୍ୟ, ସଙ୍ଗୀତ, ଟେବୁଲ୍ ଟେନିସ୍, ଲନ୍ ଟେନିସ୍, ବ୍ୟାଡ୍‌ମିଣ୍ଟନ ଓ ମଜା ଭରା କ୍ରୀଡ଼ା ଯଥା ଅଖା ଦୌଡ଼ ଏବଂ ଲେମ୍ବୁ ଦୌଡ଼ ଆୟୋଜିତ ହୋଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ନିକଟସ୍ଥ କଳାରାହଙ୍ଗ ଜେଡ୍ ୱାନ୍ ଆପାର୍ଟମେଣ୍ଟରେ ୨ୟ ଶୀତକାଳୀନ ଉତ୍ସବ-୨୦୨୪ ଆୟୋଜନ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ କ୍ରୀଡ଼ା, ସଂସ୍କୃତି ଏବଂ ସମ୍ପ୍ରଦାୟର ମହନୀୟତା ଉପଲକ୍ଷେ ୬ ଛଅ ସପ୍ତାହ ଧରି ଆୟୋଜିତ କାର୍ଯ୍ୟକ୍ରମ ଏକ ୨ ଦିନିଆ କାର୍ନିଭାଲ୍ ସହ ଉଦ୍‌ଯାପିତ ହୋଇଯାଇଛି। ଅପରପକ୍ଷରେ କାର୍ନିଭାଲ୍‌ର ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟାଇମ୍‌ପାସ୍‌ର ୧୨ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର,୧୫।୧୨(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ପୁସ୍ତକ ମହୋତ୍ସବ ଅବସରରେ ପ୍ରକାଶନ ସଂସ୍ଥା ଟାଇମ୍‌ପାସ୍ ପକ୍ଷରୁ ସାହିତ୍ୟ ପର୍ବ ଅନୁଷ୍ଠିତ ହୋଇଯାଇଛି। ସାତକଡ଼ି ହୋତା ମଞ୍ଚରେ ଆୟୋଜିତ ଏହି ଉତ୍ସବରେ ଗିରିବାଳା ମହାନ୍ତିଙ୍କ 'ଯିବାଲୋକ', ପ୍ରବାସିନୀ ମହାକୁଡ଼ 'ଶ୍ରେଷ୍ଠ କବିତା', ପଞ୍ଚାନନ ନାୟକଙ୍କ 'ନଷ୍ଟ ପ୍ରେମିକ', ଅଶୋକ କୁମାର ସିଂହଙ୍କ 'ଅନ୍ତରଙ୍ଗ ଆବେଗ', ବିଜନବାଳା ପାଟଯୋଶୀଙ୍କ 'କାୟାପୁରୁଷ', ଅମରେନ୍ଦ୍ର ମାଧବ ଦାଶଙ୍କ 'କବିତା ଧାଡ଼ି ବାହାରେ' ଆଦି କବିତା ସଂକଳନ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ 'ପଳାତକ', ବିରଜା ରାଉତରାୟଙ୍କ 'ନୂଆ ଗପର ଇଏମ୍‌ଆଇ' ଆଦି ଗଳ୍ପ ସଂକଳନ; କାଳନ୍ଦୀ ସାମଲଙ୍କ ଉପନ୍ୟାସ 'ସେକେଣ୍ଡ କଣ୍ଟା' ଏବଂ ହିରଣ୍ମୟୀ ମିଶ୍ରଙ୍କ 'ବର୍ଣ୍ଣାଳିର ଯେତେ ରଙ୍ଗ', ଡ. ବାସନ୍ତୀ ମହାନ୍ତିଙ୍କ 'ଅପ୍ରମିତ ସୁରେନ୍ଦ୍ର', ପରଂବ୍ରହ୍ମ ତ୍ରିପାଠୀଙ୍କ 'କିମଧିକମ' ଆଦି ପ୍ରବନ୍ଧ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରକାଶ ମହାପାତ୍ର, ସୂର୍ଯ୍ୟ ମିଶ୍ର, ପରେଶ ପଟ୍ଟନାୟକ, କୈଳାସ ପଟ୍ଟନାୟକ ପ୍ରମୁଖ ଅତିଥିମାନେ ଏହି ପୁସ୍ତକ ଲୋକାର୍ପଣ କରିଥିଲେ। ଏହି ଅବସରରେ ଟାଇମ୍‌ପାସ୍ ପକ୍ଷରୁ କବିତାର କଳାତ୍ମକ ଉପସ୍ଥାପନାକୁ ନେଇ 'ଉଚ୍ଚାରଣ' ପ୍ରଥମ ଭାଗର ଅଡିସନ ରାଉଣ୍ଡ ଆୟୋଜିତ ହୋଇଥିଲା। ଏଥିରେ କବିମାନେ ସ୍ୱରଚିତ କବିତାର ଉପସ୍ଥାପନ କରିଥିଲେ। ଅଂଶୁମାନ ସାହୁ ଓ ବେଦପ୍ରକାଶ ନାୟକ ଉତ୍ସବ ସଞ୍ଚାଳନ କରିଥିବାବେଳେ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ 'ଟାଇମପାସ୍'ର ନିର୍ଦ୍ଦେଶକ ସରୋଜ ବଳ।



ସାହିତ୍ୟ ପର୍ବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜଳଜ ପରିବେଶ ସଂରକ୍ଷଣ ନିର୍ଦ୍ଧାରିତ ରଣନୀତି ଉପରେ ଆଲୋଚନା

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ୨ ଦିନିଆ ଜାତୀୟ ସମ୍ମିଳନୀ**

**ଔରାସିଓର ସହ ୨ ଏମ୍‌ଓୟୁ ସ୍ୱାକ୍ଷର**

ବାରଙ୍ଗ,୧୫।୧୨(ଲିଙ୍ଗରାଜ ରାଉତ)

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଅନ୍ତର୍ଜାତୀୟ ଚାଉଳ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରାୟୋଜିତ ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗର ଡିନ୍ ପ୍ର. ଜୟପ୍ରକାଶ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଚ୍‌ଏନ୍‌ବି ଗଡୱାଲ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରକାଶ ନୌଟିଆଲ ଯୋଗଦେଇ ଜଳଜ ପରିବେଶ ସଂରକ୍ଷଣ ନିମନ୍ତେ ନିର୍ଦ୍ଧାରିତ ରଣନୀତି ଉପରେ ଆଲୋଚନା କରିଥିଲେ। କେଣ୍ଟ ଆରୋ ସିଷ୍ଟମ୍ସ ଲିମିଟେଡ୍ ଅଧ୍ୟକ୍ଷ ଡ. ମହେଶ ଗୁପ୍ତା ଓ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷା ରଜିତା କୁଲକର୍ଣ୍ଣି ପ୍ରମୁଖ ସ୍ଥାୟୀ ଜଳ ସମ୍ପଦ ପରିଚାଳନା ଉପରେ ମତ ରଖିଥିଲେ। ଏହି ଅବସରରେ ମହାନଦୀର ବିଭିନ୍ନ ସମସ୍ୟା ଓ ଏହାର ସମାଧାନକୁ ନେଇ ଡ. ଭଟ୍ଟ ଏବଂ ଡ. ଅଜୟ ମିଶ୍ରଙ୍କ ସମ୍ପାଦିତ ପୁସ୍ତକ 'ମହାନଦୀ: ଏନ୍‌ଭାର୍ନମେଣ୍ଟାଲ ଚ୍ୟାଲେଞ୍ଜେସ ଆଣ୍ଡ ୱେ ଫରୱାର୍ଡ' ଏବଂ ପ୍ରଫେସର ରଚନା ନୌଟିଆଲ ଏବଂ ପ୍ରଫେସର ପ୍ରକାଶ ନୌଟିଆଲଙ୍କ ଦ୍ୱାରା ଲିଖିତ 'ଦ ଆଟଲାସ ଅଫ୍ ହିମାଳୟ ଡାଏଟମ୍ସ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭୂବିଜ୍ଞାନ କ୍ଷେତ୍ରରେ ଗବେଷଣା ଓ ସ୍କାଏଲାଇନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିଓଇନ୍‌ଫରମେଟିକ୍ସ ସହ ଶିକ୍ଷାଗତ ଏବଂ ବୈଷୟିକ ସହଯୋଗ ନେଇ ଔରାସିଓର ପ୍ରାଇଭେଟ ଲିମିଟେଡ୍ ସହିତ ବିଶ୍ୱବିଦ୍ୟାଳୟର ୨ଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ପ୍ରଫେସର ରଚନା ନୌଟିଆଲ ଗଡୱାଲ ଓ ପ୍ରଫେସର ମାଧୋ ସିଂହ ବିଷ୍ଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଗଡୱାଲ ହିମାଳୟର ବିଭିନ୍ନ ଡାଏଟମ ସମ୍ପର୍କରେ କହିଥିଲେ। ଡ. ନାରାୟଣ ଜେନ, ସ୍ନିଗ୍ଧା ସ୍ନେହାଞ୍ଜଳି, ଡ. ଡି.କେ. ହରି, ଡ. ହେମା ହରି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କାର୍ବନ ଚାଷର ଚାହିଦା ଓ ଏହାର ପୁନରୁଦ୍ଧାର ପାଇଁ ମୃତ୍ତିକା ସହ ଜଳ ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଆଇଆର୍‌ଆର୍‌ଆଇର ଡ. ଆନ୍ଥୋନି ଫୁଲଫୋର୍ଡ ଏବଂ ଡ. ଅଜୟ କୁମାର ମିଶ୍ରଙ୍କ ସମେତ ଅନ୍ୟ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବାରେ କାର୍ବନ କୃଷିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଅନିସା ଆଖାରୁନ୍ନିସା, ଡ. କାବେରି ଦେବୈୟା, ପ୍ରଦୀପ କୁମାର ପାଟଯୋଶୀ, ଡ. ପି.ଆର୍. ସିଂହ, ଓୟୁଏଟିର ଅବସରପ୍ରାପ୍ତ ପ୍ରାଧ୍ୟାପକ ସଞ୍ଜୟ ସାମନ୍ତରାୟ ପ୍ରମୁଖ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ସତ୍ୟଜିତ୍ ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ‘ଐତିହ୍ୟ ପରମ୍ପରାକୁ ଆଗାମୀ ପିଢ଼ି ଜାଣନ୍ତୁ’

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ର ମୃତ

ବୋଲଗଡ଼,୧୫।୧୨(ଦେବବ୍ରତ ହୋତା)

ପୋଖରୀରେ ବୁଡ଼ିଯିବାରୁ ରବିବାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ଟାଙ୍ଗୀସାହି ବଡଶିଘରିଆ ସାହିବାସିନ୍ଦା କବିରାଜ ବିଶ୍ୱାଳଙ୍କ ପୁଅ ଅନିମେଶ ବିଶ୍ୱାଳ(୧୦)। ସୂଚନା ମୁତାବକ, ସନ୍ଧ୍ୟାରେ ଅନିମେଶ ଶୌଚ ହେବା ପାଇଁ ସାଙ୍ଗମାନଙ୍କ ସହ ଘର ନିକଟ ନୂଆ ପୋଖରୀକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ିଯାଇଥିଲେ। ଖବରପାଇ ଗ୍ରାମବାସୀ ଏପଂ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁ ହୋଇଛି।

### ବାବୁଗେନୁଙ୍କ ବଳିଦାନ ଦିବସ ପାଳିତ

ଜଟଣୀ,୧୫।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଟାଉନ୍ ହଲ୍(ସ୍ରଷ୍ଟା) ପରିସରରେ ଭାରତୀୟ ମଜଦୁର ସଂଘର ସ୍ୱଦେଶୀ ଆୟମ ପକ୍ଷରୁ ରବିବାର ବାବୁଗେନୁଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାରତୀୟ ମଜଦୁର ସଙ୍ଘର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଗିରିଶ୍ ଚନ୍ଦ୍ର ମହନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ପାତ୍ର ଯୋଗଦେଇଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲା ସଭାପତି ପାର୍ଥସାରଥି ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ରାଉତରାୟ, ବିଜୟ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବଳିଦାନ ଦିବସ କାର୍ଯ୍ୟକ୍ରମରେ ଶ୍ରମିକମାରଣ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ମ୍ୟୁନିସିପାଲିଟି ସଫେଇ ସଂଘ, ଆଇଆଇଟି ହାଉସ୍‌କିପିଙ୍ଗ କର୍ମଚାରୀ ସଂଘ, ଏଚ୍‌ପିସିଏଲ୍ ମଜଦୁର ସଂଘ, କିଷ୍ଟ କଲେଜ ଇମ୍ପ୍ଲୋଇଜ ୟୁନିଅନ, ଆଇଆଇଟି ଗାର୍ଡେନର୍ସ ୟୁନିୟନ, ଆଇଆଇଟି ସିକ୍ୟୁରିଟି ସଂଘ, ରେଲୱେ ମେମୋଶେଡ୍ ବ୍ରାଞ୍ଚ, ସିଟିଏସ୍ ବ୍ରାଞ୍ଚ, ବିଦ୍ୟୁତ୍ ବ୍ରାଞ୍ଚ ସହିତ ଷ୍ଟେଶନ କ୍ଲିନିଂ ବ୍ରାଞ୍ଚର ଶତାଧିକ କର୍ମଚାରୀ ଯୋଗଦେଇଥିଲେ। ବିଜୟ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହ ଆରମ୍ଭ

ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହାବେଳି ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି ଖୋର୍ଦ୍ଧା ମହୋତ୍ସବ। ଖୋର୍ଦ୍ଧା ମାଟିର ଗରିମାମୟ ଐତିହ୍ୟ, ସଂସ୍କୃତି ଏବଂ ପାଇକବୀରଙ୍କ ବୀରତ୍ୱର ଗାଥାକୁ ଉଜ୍ଜୀବିତ ଲକ୍ଷ୍ୟ ନେଇ ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ପକ୍ଷରୁ ୨୦୦୦ ମସିହାରୁ ଏହି ମହୋତ୍ସବ ଆୟୋଜିତ ହୋଇଆସୁଛି। ଶୀତୁଆ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ଜନସମାଗମ ମଧ୍ୟରେ ଶୁଭାରମ୍ଭ ହୋଇଛି ଚଳିତବର୍ଷର ରୌପ୍ୟ ଜୟନ୍ତୀ ସମାରୋହ। ସପ୍ତଦିନ ବ୍ୟାପୀ ଆୟୋଜିତ ହେବାକୁଥିବା ଏହି ମହୋତ୍ସବକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବାଚସ୍ପତି ପାଢ଼ୀ କହିଥିଲେ, ଖୋର୍ଦ୍ଧାର ଗୌରବମୟ ଇତିହାସ, ସ୍ୱାଧୀନତା ସଂଗ୍ରାମରେ ପାଇକବୀରଙ୍କ ବୀରତ୍ୱ ପ୍ରଶଂସନୀୟ। ମହୋତ୍ସବ କେବଳ ମନୋରଞ୍ଜନ ନୁହଁ ବରଂ ନିଜ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଜାଣିବା, ନିଜ ମାଟିର ଗରିମାମୟ ଇତିହାସକୁ ମନେପକାଇବା ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଆଗାମୀ ପିଢ଼ି ଏ ସମ୍ପର୍କରେ ଜାଣିବା ଉଚିତ। ଭିନ୍ନ ଭାଷାଭାଷୀ କଳା, ସଂସ୍କୃତି ସମ୍ପର୍କକୁ


ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଦିବସରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ଯୋଡ଼ିଥାଏ ବୋଲି କହିଥିଲେ। ସେହିପରି ମନ୍ତ୍ରୀ ହରିଚନ୍ଦନ କହିଥିଲେ, ଇତିହାସରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଖୋର୍ଦ୍ଧାର ଐତିହ୍ୟ ପରମ୍ପରା, ସଂସ୍କୃତିକୁ ଆଗକୁ ନେବାରେ ଖୋର୍ଦ୍ଧା ମହୋତ୍ସବର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଆଗକୁ ଜିଲାସ୍ତରୀୟ ମହୋତ୍ସବ ଆୟୋଜନ ନେଇ ଯୋଜନା କରାଯିବ। ଖୋର୍ଦ୍ଧା ବିକାଶ ପାଇଁ ଜନତାଙ୍କ ରହିଥିବା ସ୍ୱପ୍ନକୁ ସାକାର ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଏକ ନମ୍ବର ଜିଲା ଗଠନ ପାଇଁ ଯାହା ଆବଶ୍ୟକତା ରହିଛି, ତାହାର ନକ୍ସା ପ୍ରକ୍ରିୟା ଆରମ୍ଭ ହେଉଛି। ଆଗାମୀ ଦିନରେ ଖୋର୍ଦ୍ଧା ଅଗ୍ରଣୀ ଜିଲାଭାବେ ଠିଆ ହେବ, ସେ ସ୍ୱପ୍ନ ରହିଛି, ତାହାକୁ ସାକାର ରୂପ ଦିଆଯିବ ବୋଲି କହିଥିଲେ। ଖୋର୍ଦ୍ଧାର ପାଇକ ବିଦ୍ରୋହ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ପାଇକବୀରଙ୍କ ଶୌର୍ଯ୍ୟ, ତ୍ୟାଗ, ବଳିଦାନ ଏ ମାଟିକୁ ଗୌରବାନ୍ୱିତ କରିଛି ବୋଲି ମତପ୍ରକାଶ ପାଇଥିଲା। ପାଇକ ବିଦ୍ରୋହର ମହାନାୟକ ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ଦାୟାଦ ଭାବେ ବିଧାୟିକା ଉପାସନାଙ୍କୁ ପାଇ ଖୋର୍ଦ୍ଧା ମାଟି ଗୌରବାନ୍ୱିତ ହୋଇଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଥିଲା। ଅନୁଷ୍ଠାନର ସଭାପତି ଡ.ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଡ. ସଞ୍ଜୟ ପଟ୍ଟନାୟକ ଖୋର୍ଦ୍ଧା ମହୋତ୍ସବର ୨୫ବର୍ଷ ଯାତ୍ରା ବିବରଣୀ ପାଠ କରିଥିଲେ। ପାଇକ ଆଖଡ଼ା, କଳା ନୈପୁଣ୍ୟତା ପ୍ରଦର୍ଶନ ତଥା ରାଜ୍ୟ, ବାହାର ରାଜ୍ୟର ଲୋକକଳା, ପାରମ୍ପରିକ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଗରିମା ବଜାୟ ରଖିଛି ବୋଲି କହିଥିଲେ। ଆୟୋଜକ କମିଟି ମୁଖ୍ୟ ସଂଯୋଜକ ନିକୁଞ୍ଜ ପଟ୍ଟନାୟକ ମଞ୍ଚାସୀନ ଥିଲେ। ନାଲିପଡା ଅର୍ଜୁନପୁରର କଳାକାରମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟରୁ ଆରମ୍ଭ ହୋଇଥିଲା ମହୋତ୍ସବର ପ୍ରଥମ ସନ୍ଧ୍ୟା। ପରେ ରୟାଲ ସ୍କ୍ୱାଡ୍ କଳାକାରମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ନୃତ୍ୟ ପରିବେଷଣ କରିଥିଲେ। ଗୋଟିଏ ପରେ ଗୋଟିଏ କଳା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରଫୁଲ୍ଲ ସାମନ୍ତରାୟ, ରଞ୍ଜନ ସେଠୀ, ଅଭିଳାଷ ଦଳେଇ, ରମାକାନ୍ତ ମହାରଣା, ରାଜୀବ ନାୟକ ପ୍ରମୁଖ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ବାଘମାରୀ,୧୫।୧୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଉତ୍ତୋଳନ ସହ ଚାଲାଣ ହେଉଛି। ଶନିବାର ଭୋରୁ ବେଗୁନିଆ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଡଙ୍ଗରପଡା-ସାମନ୍ତରାପୁର ରାସ୍ତାରେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ଏକ ଟ୍ରକ (ଓଆର ୦୫ଏଏନ ୮୮୮୯)କୁ ଜବତ କରିଛି। ତେବେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୬୫/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ/ ବାଘମାରୀ,୧୫।୧୨ (ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅଧୀନ ଭାରତୀୟ ବିଦ୍ୟା ନିକେତନ ପରିସରରେ ଭାରତୀୟ ବିଦ୍ୟା ନିକେତନର କର୍ମକର୍ତ୍ତାଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଶୁଭକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଶିବିରରେ ମୋଟ୍ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରଥମେ ଡ. ଲିଜା ସାଇଁ ରକ୍ତଦାନ କରିଥିଲେ। ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମାଣିକ, ବାସୁଦେବ ବେହେରା, ଜ୍ୟୋତି ରଞ୍ଜନ ଖାଡଙ୍ଗା ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଭାବର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ କରେ କବିତା

ବୋଲଗଡ଼/କଳାପଥର, ୧୫।୧୨ (ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଆରିକମା ସ୍ଥିତ କୋଶଳାଶୁଣି ପୀଠରେ ରାଜ୍ୟସ୍ତରୀୟ ବଣମଲ୍ଲି ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଉତ୍ସବ ଏବଂ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବଂଶୀଧର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସେତୁପ୍ରକାଶ ରଥ, ମୁଖ୍ୟ ବକ୍ତା ଅଧ୍ୟାପକ ଶଶିଭୂଷଣ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ରାଜକିଶୋର ପାଣିଗ୍ରାହୀ, ରବିନାରାୟଣ ମଙ୍ଗରାଜ, ସତ୍ୟ ନାରାୟଣ ସାମନ୍ତରାୟ ଯୋଗଦେଇ ସାହିତ୍ୟକୁ ମର୍ମସ୍ପର୍ଶୀ କରିବା ସହ ଭାବର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ କରେ କବିତା ବୋଲି କହିଥିଲେ। ବଣମଲ୍ଲିର ସମ୍ପାଦକ ବିଭୁପ୍ରସାଦ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ନିଳୀମା ନନ୍ଦଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଫୁଲ୍ଲ କୁମାର ହୋତା ଧନ୍ୟବାଦ ଦେଇଥିଲେ।

## ମା’ଜାଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ : ବଡ଼ବେରଣା ଚାମ୍ପିୟନ

ବେଗୁନିଆ,୧୫।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ୍ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା’ ଜାଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବଡ଼ବେରଣାର ମା’ ଡୁମଣୀ ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ବାଲିଗାଡିଆ ଫୁଟ୍‌ବଲ କ୍ଲବ ଏବଂ ବଡ଼ବେରଣାର ମା’ ଡୁମଣୀ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବଡ଼ବେରଣା ଟିମ୍ ଗୋଟିଏ ଗୋଲ ଦେଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ବାଲିଗାଡିଆ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୧-୦ ଗୋଲରେ ବଡ଼ବେରଣା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଶରତ ଚନ୍ଦ୍ର ଛୋଟରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ଦୟାନିଧି ନାୟକ ଏବଂ ଚିତ୍ତରଞ୍ଜନ ପରିଡା ଲାଇନ୍ସରେ ସହଯୋଗ କରିଥିଲେ। ସାମାଜିକ କର୍ମୀ କୃଷ୍ଣ ମୋହନ ମାନସିଂହ ଏବଂ ବାପି ପାଟ୍ଟଶାଣୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଖୋର୍ଦ୍ଧା କୋର୍ଟର ଆଇନଜୀବୀ ଲଲାଟ କେଶରୀ ପ୍ରଧାନଙ୍କ ସମେତ ଆୟୋଜକ କ୍ଲବର ସଭ୍ୟ ପପୁ ନାୟକ, ସାଗର ନାୟକ, ଟୁକୁନା ନାୟକ, ଭାଗ୍ୟଧର ପ୍ରଧାନ, ସୁଧିର ପ୍ରଧାନ, ମୁନା ନାୟକ, ବିକାଶ ନାୟକ, କାଳିଆ ନାୟକ, ସଞ୍ଜୟ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ‘ଶୃଙ୍ଖଳିତ ଜୀବନଯାପନ ସଫଳତା ଆଣିଥାଏ’



ଅତିଥିମାନେ ସଙ୍ଗଠନର ବାର୍ଷିକ ସ୍ମରଣିକା ‘ଆମ ସ୍କୁଲ’କୁ ଉନ୍ମୋଚନ କରୁଛନ୍ତି।

ଜଟଣୀ,୧୫।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ପୂର୍ବତଟ ରେଳପଥ ମିଶ୍ରିତ ଉଚ୍ଚ ବିଦ୍ୟାଳୟ ପରିସରରେ ରୋଜାର ସପ୍ତଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରୋଜାର ସଭାପତି ଡା. ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ର ଶିକ୍ଷା ସଚିବ ପ୍ରଫେସର ଅରୁଣ ରଥ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ହରେକୃଷ୍ଣ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରେଲୱେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଅନିତା ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରଞ୍ଜିତ୍ ଦାସ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ରୋଜା ସଙ୍ଗଠନର ସମ୍ପାଦିକା ପ୍ରଣତି ସ୍ୱାଇଁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷାର ବିକାଶ କରିବା ସହିତ ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳିତଭାବେ ଜୀବନଯାପନ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୯୪୭ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ପୁରାତନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଙ୍ଗଠନର ବାର୍ଷିକ ସ୍ମରଣିକା ‘ଆମ ସ୍କୁଲ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ଜଟଣୀର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ଜଟଣୀର ପୂର୍ବତନ ନଗରପାଳ ଗୌରୀ ପ୍ରସାଦ ସିଂ, ବିନୋଦ ମିଶ୍ର, ରାଧାମୋହନ ପଟ୍ଟନାୟକ, ଡା. ସଞ୍ଜୟ ଦାସ, ଡା. ତପନ ମିଶ୍ର, ସୁନୀଲ ପାଢ଼ୀ, ସୁବ୍ରତ ପଣ୍ଡା, ମଳୟ ମହାନ୍ତି, ପ୍ରଦୀପ ପଟ୍ଟନାୟକଙ୍କ ସହିତ ବହୁ ପୁରାତନ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଦସ୍ୟ ସହଯୋଗ କରିଥିଲେ।

## ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍

## ସେମିରେ କୋଲ୍‌କାତା ଏକାଦଶ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୫।୧୨(ରଘୁନାଥ ସାହୁ)

ଦେବୀ ଦୁର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍‌ରେ ରବିବାର କୋଲ୍‌କାତା ଏକାଦଶ ଏବଂ ନୀତା ଫୁଟ୍‌ବଲ କ୍ଲବ କଟକ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୦ ଗୋଲରେ କୋଲ୍‌କାତା ଏକାଦଶ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ଟାଙ୍ଗୀ ସରପଞ୍ଚ ସୁପ୍ରଭା ମହାପାତ୍ର, ପୂର୍ବତନ କୁହୁଡ଼ି ସରପଞ୍ଚ ଜୟଦେବ ବେହେରା, କଳକଳେଶ୍ୱର ସରପଞ୍ଚ ଜ୍ୟୋସ୍ନାରାଣୀ ଜେନା, ଦୁର୍ଗାଚରଣ ଚିଲିକା ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, ଡା. ନଗେନ ରାୟ ପଟ୍ଟନାୟକ, ସାମାଜିକ କର୍ମୀ ଅମିନ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରୀନା ତିର୍କୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୀଣାପାଣି ବିରୁଆ, ବାଳାମତି ଓରାମ ଏବଂ ଆରତି ମହାନ୍ତ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋମବାର କୋଲ୍‌କାତା ଏକାଦଶ ଏବଂ ବିହାର ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଉତ୍କଳ ସ୍ପୋର୍ଟିଂ ଜଟଣୀ ବିଜୟୀ

ଯାଁଳା,୧୫।୧୨(ବୁଲା ବାରିକ)

ସ୍ଥାନୀୟ ରାଧାଚରଣପୁର ଖେଳପଡ଼ିଆରେ ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୨୬ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଏମ୍‌ବିଏସ୍ କ୍ଲବ ଚୌଦ୍ୱାର ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉତ୍କଳ ସ୍ପୋର୍ଟିଂ ଟିମ୍‌ର ସଞ୍ଜୀବ ପାନା ଦୁଇଟି ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୪୪ତମ ମିନିଟ୍‌ରେ ଉତ୍କଳ ସ୍ପୋର୍ଟିଂ ଆଉ ଗୋଟିଏ ଗୋଲ ଦେଇଥିଲା। ୪୭ତମ ମିନିଟ୍‌ରେ ଏମ୍‌ବିଏସ୍ କ୍ଲବ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏମ୍‌ବିଏସ୍ କ୍ଲବ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୩-୧ ଗୋଲରେ ଉତ୍କଳ ସ୍ପୋର୍ଟିଂ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିଦେଶୀ ନାୟକ, ଗିରିଶ୍ ଜାନି ଓ ସୁବାସ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୀବ ପାନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହେବା ସହ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଓରବରସିଂ ପଞ୍ଚାୟତ ପ୍ରିମିୟର ଲିଗ୍: ପିଏନ୍ ରାଇଡର ବିଜୟୀ

ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଓରବରସିଂଠାରେ ଓରବରସିଂ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ମା’ନାରାୟଣୀ ପାନ୍ଥରସ ଏବଂ ପିଏନ୍ ରାଇଡର ଟିମ୍ ମଧ୍ୟରେ ହୋଇଥିଲା। ମା’ନାରାୟଣୀ ପାନ୍ଥରସ ଟିମ୍ ପ୍ରଥମ ବ୍ୟାଟିଂ କରି ୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୨ ରନ ସଂଗ୍ରହ କରିଥିଲା। ଜବାବରେ ପିଏନ୍ ରାଇଡର ଟିମ୍ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ହେମନ୍ତ ପରିଡା ୨୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଡ.ସଞ୍ଜୟ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାଟିଏ ରୋପଣ କରି ଏହି ପ୍ରିମିଅର ଲିଗ୍‌କୁ ଉଦ୍‌ଘାଟନ କରିଥିଲେ। ସୁସ୍ଥ ପରିବେଶ ନିମନ୍ତେ ଗଛଟିଏ ଉପଯୋଗୀ ବୋଲି ମତ ରଖିଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୟ ରାଟସିଂ ସଂଯୋଜନା କରିଥିଲେ। କ୍ଲବର ସଦସ୍ୟ ବିଷ୍ଣୁ ପ୍ରସାଦ ବଳିୟାରସିଂହ, ସଚ୍ଚିକାନ୍ତ ପାଇକରାୟ, ଜୟ ପ୍ରକାଶ ବରିସଲ, କାଲୁ ବଳିୟାରସିଂହ, ବିକାଶ ଚଇନି, ତୋଫାନ ସେଠୀ, ସରୋଜ ମଙ୍ଗରାଜ, ବାବୁ ରଣସିଂ, ସୂର୍ଯ୍ୟକାନ୍ତ ବଳିୟାରସିଂହ ପରିଚାଳନାରେ ସହଯୋଗ କରିଥିଲେ।


ଓରବରସିଂ ପଞ୍ଚାୟତ ପ୍ରିମିୟର ଲିଗ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।

## ଏ.କେ. କ୍ଲବ ଆଠମଲ୍ଲିକ ଚାମ୍ପିୟନ

### ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋଲଗଡ଼,୧୫।୧୨(ଦେବବ୍ରତ ହୋତା)

ବୋଲଗଡ଼ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏ.କେ କ୍ଲବ ଆଠମଲ୍ଲିକ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଫାଇନାଲ ମ୍ୟାଚ୍ ଭଞ୍ଜନଗର ମରାଠା ଏକାଦଶ ଏବଂ ଅନୁଗୋଳ ଆଠମଲ୍ଲିକର ଏ.କେ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ଏ.କେ କ୍ଲବ ଟିମ୍ ୪ଟି ଗୋଲ ଦେଇଥିବା ବେଳେ ମରାଠା ଏକାଦଶ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୪-୦ ଗୋଲରେ ଏ.କେ କ୍ଲବ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବୋଲଗଡ଼ ମହୋତ୍ସବ ସମ୍ପାଦକ ବୀରକିଶୋର ଦାସଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ସମ୍ମାନିତ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ସରପଞ୍ଚ ପ୍ରଦୀପ ବାରିକ, ଉମେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଫ୍ରେଣ୍ଡସ କ୍ଲବ ସମ୍ପାଦକ ଭଞ୍ଜକିଶୋର ଯତି ବିବରଣୀ ପାଠ କରିଥିଲେ। ଅପରାହ୍ନରେ ଏହି ପଡ଼ିଆରେ ଭୁବନେଶ୍ୱର ଏବଂ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ବାଳିକା ଫୁଟ୍‌ବଲ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଥଲା। ଏହି ପ୍ରଦର୍ଶନୀ ମ୍ୟାଚରେ ଅତିଥିଭାବେ ସାମାଜିକ କର୍ମୀ ରୀତାଞ୍ଜଳି ପ୍ରଧାନ, ବ୍ଲକ ବିଜେଡି ସଭାନେତ୍ରୀ ପ୍ରଭାତୀ ରାଉତରାୟ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରେଫରିଭାବେ ଭାବେ ମିର୍ଜା ସିରଜୁଦ୍ଦିନ ବେଗ ଭଞ୍ଜକିଶୋର ଯତି, ସରୋଜ ମହାରଣା, ସଞ୍ଜୟ କୁମାର ଫତେସିଂ ଏବଂ ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ମନୋଜ ସାହୁ, ସନ୍ତୋଷ ରାଉତରାୟଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ଶେଷରେ ମହେଶ ସାହୁ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# 'ଜାନୁଆରୀରୁ ୮୦ ବର୍ଷ ବୟସ୍କଙ୍କୁ ମିଳିବ ଭତ୍ତା'

**ବରିଷ୍ଠ ନାଗରିକଙ୍କ ଦିଗ୍‌ଦର୍ଶନରେ ସମାଜର ଉନ୍ନତି ହେବ: ଉପମୁଖ୍ୟମନ୍ତ୍ରୀ**

ବଳଙ୍ଗା,୧୫।୧୨ (କେଦାରେଶ୍ୱର ନନ୍ଦ)

ବରିଷ୍ଠ ନାଗରିକ ଏ ଦେଶ, ଜାତିର କର୍ଣ୍ଣଧାର। ସେମାନଙ୍କ ବଳିଷ୍ଠ ଦିଗ୍‌ଦର୍ଶନ ଆମ ସମାଜର ଅଧିକ ଉନ୍ନତି କରିଥାଏ। ତେଣୁ ସେମାନଙ୍କ ସେବା ଓ ପରାମର୍ଶ ମାନିବା ଆମ ସମସ୍ତଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି। ଆସନ୍ତା ଜାନୁଆରୀରୁ ୮୦ ବର୍ଷ ବୟସ୍କଙ୍କୁ ୩ ହଜାର ୫୦୦ ଟଙ୍କା ଲେଖାଏଁ ଭତ୍ତା ମିଳିବ ବୋଲି ପରିଡ଼ା ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ବଳଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତ ବଟବୃକ୍ଷ ବୟସ୍କ ମହାସଂଘର ଚତୁର୍ଥ ବାର୍ଷିକୋତ୍ସବ ସଭାକାର୍ଯ୍ୟ ଚକ୍ରକୁଦ ବାନାମ୍ବର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇଥିଲେ।



ବଟବୃକ୍ଷ ବୟସ୍କ ମହାସଂଘର ଚତୁର୍ଥ ବାର୍ଷିକୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ହେଲ୍ପଏଜ୍ ଇଣ୍ଡିଆ ରାଜ୍ୟ ଶାଖାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ ଅଧୀନ ୯ଟି ପଞ୍ଚାୟତର ୧ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ମହାସଂଘ ସଭାପତି ଗୋବିନ୍ଦଚନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ହେଲ୍ପଏଜ୍ ଇଣ୍ଡିଆ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ରଞ୍ଜୟ କୁମାର ଦାସ ଯୋଗଦେଇଥିଲେ। ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ବରାଳ, ସାକ୍ଷୀଗୋପାଳ କୃଷି ବିଜ୍ଞାନକେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଅମ୍ବିକା ପ୍ରସାଦ ନାୟକ, ନୂଆସନ୍ଥ ସରପଞ୍ଚ ପ୍ରଫୁଲ୍ଲ ସ୍ୱାଇଁ, ପ୍ରସନ୍ନ ଦାଶ, ଜୟଦେବ ମହାପାତ୍ର, ସାମାଜିକ କର୍ମୀ ନକୁଳ ସ୍ୱାଇଁ, ରବୀନ୍ଦ୍ରନାଥ ରଥ, ଅର୍ଜ୍ଜୁନ ବରାଳ, ଅଶୋକ ଦାଶ ପ୍ରମୁଖ ଅଭିଭାଷଣ ରଖିଥିଲେ। ବଟବୃକ୍ଷ ବୟସ୍କ ମହାସଂଘ ସମ୍ପାଦକ ଦେବେନ୍ଦ୍ରନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ହେଲ୍ପଏଜ୍ ଇଣ୍ଡିଆର ଶ୍ରୀକାନ୍ତ ରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମିନତି ପ୍ରଧାନ, ଝରଣା, ଗାୟତ୍ରୀଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।




୧୫।୧୨।୨୦୨୪

| | |
|---|---|
| ୭,୭୩,୪୯୪ ଟଙ୍କା | |
| ସୁନା | ୧.୭୦୦ ଗ୍ରାମ୍ |
| ରୁପା | ୧୭୦ ଗ୍ରାମ୍ |

ମଣ୍ଡଳସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ

## ଉତ୍କର୍ଷ ଓ ଆକାଂକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଅସ୍ତରଙ୍ଗ,୧୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାଦଶ ମାସିକ ବୈଠକ ରବିବାର ବେଳାଭୂମି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅସ୍ତରଙ୍ଗ ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ନୋଡାଲ ଅଧିକାରୀ ଲିଙ୍ଗରାଜ ବେହେରା, ପାଟଳଦା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ, ଐଶାନେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ବିଶ୍ୱାଳ, ବେଳାଭୂମି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ପାଳ ପ୍ରମୁଖ ଯୋଗଦେଇଥିଲେ। ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ମଣ୍ଡଳସ୍ତରୀୟ ବୈଠକର ପ୍ରାରମ୍ଭରେ ବିଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କର୍ଷ କାର୍ଯ୍ୟକ୍ରମ, ଆକାଂକ୍ଷା କାର୍ଯ୍ୟକ୍ରମ, ଗଣିତ ଦକ୍ଷତା ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ବୈଠକରେ ଯୋଗଦେଇଥିବା ସମସ୍ତ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଆୟୋଜକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଇ-ପାଠାଗାର, ସ୍ମାର୍ଟ ଶ୍ରେଣୀଗୃହ, ବିଦ୍ୟାଳୟ ସ୍ୱଚ୍ଛତା ସହ ସ୍ମାର୍ଟ ଶ୍ରେଣୀଗୃହ ବ୍ୟବହାର ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ପଢ଼ିଆରୀ ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁଧୀର ପ୍ରଧାନ, ପଶ୍ଚିମେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ପବିତ୍ର କୁମାର ପରିଡ଼ା, ଲବଣ ସତ୍ୟାଗ୍ରହ ବିଦ୍ୟାପୀଠ ପ୍ରଧାନଶିକ୍ଷକ ତରୁଣ କୁମାର ନାୟକ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ପ୍ରତିକୃତି ତୁଳସୀ ଚଉରା ଲୋକାର୍ପିତ



ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ପୁରୀର ପ୍ରାଚୀନ ଶ୍ରୀଶଙ୍କରାନନ୍ଦ ମଠ ପରିସରସ୍ଥ ଦ୍ୱିତୀୟ ଅଗଣାରେ ଥିବା ପ୍ରାଚୀନ ତୁଳସୀ ଚଉରାର ଜୀର୍ଣ୍ଣୋଦ୍ଧାର ବେଳେ ଜଣାପଡ଼ିଥିଲା ଯେ, ତାହା ଶ୍ରୀମନ୍ଦିର ପ୍ରତିକୃତି ଥିଲା। ଚୂନ ପଲସ୍ତରା ହୋଇ ତାହା ଜଣାପଡୁ ନ ଥିଲା। ଶିଳ୍ପୀ ପ୍ରଥମେ ଏହି ପ୍ରତିକୃତି ନିର୍ମାଣ କରିଥିଲେ ବୋଲି ଅନୁମାନ କରାଯାଏ। ଏହାକୁ ସାମାନ୍ୟ ସଜଡାଯାଇ ରବିବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ଉତ୍ତର କାଶୀର ସ୍ୱାମୀ ଗୁରୁଦେବ ଆଶ୍ରମରେ ଋଶିକେଶ ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀ ଏବଂ ଓଡ଼ିଶାର ବିଦ୍ୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ୱେତାନନ୍ଦ ସରସ୍ୱତୀ ମହୀ ପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ପୁରୀ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ଓ ବ୍ରହ୍ମଚାରୀ ସୁବୋଧ ଚୈତନ୍ୟ ଭବ୍ୟ ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ଏହାକୁ ଲୋକାର୍ପିତ କରିଛନ୍ତି। ଶ୍ରୀଜଗନ୍ନାଥ ଏବଂ ଶ୍ରୀଲୋକନାଥଙ୍କଠାରୁ ଆଧ୍ୟାତ୍ମିକ ପ୍ରକ୍ରିୟାରେ ଅନୁମତି ଭିକ୍ଷା କରାଯାଇଥିଲା। ସ୍ୱାମୀମାନେ ମଠ ଟ୍ରଷ୍ଟ ବୋର୍ଡର ସଭ୍ୟମାନଙ୍କ ସହିତ ଶୋଭାଯାତ୍ରାରେ ଯାଇ ବିଧିବିଧାନ ସହିତ ଲୋକାର୍ପିତ କରିବା ପରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ ଟ୍ରଷ୍ଟ ବୋର୍ଡ ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉତ୍ତର କାଶୀର ସ୍ୱାମୀ ଏପରି ଭାସ୍କର୍ଯ୍ୟମୟ ପ୍ରତିକୃତି ଦେଖି ଆଶ୍ଚର୍ଯ୍ୟ ପ୍ରକାଟ କରିଥିଲେ। ଋଷିକେଶର ସ୍ୱାମୀ ଶୁଦ୍ଧାନନ୍ଦ କହିଥିଲେ, ଶ୍ରୀଧର ସ୍ୱାମୀଙ୍କ ସାଧନାପୀଠ ଦେଖି ମନରେ ଶିହରଣ ସୃଷ୍ଟି ହେଉଛି। ମହୀପ୍ରକାଶ ମଠର ସ୍ୱାମୀ ସମସ୍ତଙ୍କ ସହଯୋଗ ମିଳିଲେ ପ୍ରାଚୀନ ଐତିହ୍ୟର ସୁରକ୍ଷା ହୋଇପାରିବ। ସେହିପରି ସ୍ୱାମୀ ଶାଶ୍ୱତାନନ୍ଦ ପ୍ରତିକୃତି ଦେଖି ମନରେ ଭାବାନ୍ତର ସୃଷ୍ଟି ହେଉଛି ବୋଲି ପ୍ରକାଶ କରିଥିଲେ। ପ୍ରଫେସର କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ମିହିର କୁମାର ମିଶ୍ର, ଆଦିତ୍ୟ ମିଶ୍ର, ସଦାଶିବ ସାହୁ, ଯାମିନୀକାନ୍ତ ମିଶ୍ରଙ୍କ ସହଯୋଗରେ ଏକ ଭକ୍ତି ନୈବେଦ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ୨୨ ଜଣ ଗାୟିକା ଗାୟକ ଭଜନ ପରିବେଷଣ କରିଥିଲେ। ସନ୍ତୋଷ ମିଶ୍ର ଓ ସୁଶ୍ରୀ ମିଶ୍ର ସମସ୍ତଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

କଣାସ,୧୫।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତସ୍ଥିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ମିଶି ଏକ ଶୋଭାଯାତ୍ରାରେ ଶକ୍ତି ସଂରକ୍ଷଣ ସଚେତନତା ଉପରେ ଏକ ବ୍ୟାନର ସହ ପ୍ଲାକାର୍ଡ ଧରି କଣାସ କୁଞ୍ଜେଶ୍ୱରୀ ଛକ, କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର, କଣାସ ବାଲିଘାଇ ଛକ, କଣାସ ବ୍ଲକ ବଜାର ପରିକ୍ରମା କରିଥିଲେ। ବିଦ୍ୟାଳୟରେ ଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଓ ସହକାରୀ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ।

## ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ନିମାପଡ଼ା,୧୫।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ସମାରୋହ ଦିଘାଳୋସ୍ଥିତ ମନସା ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବହୁ ପୁରାତନ ଛାତ୍ର ଯୋଗଦେଇ ଭାବର ଆଦାନପ୍ରଦାନ କରିଥିଲେ। ସ୍ୱଚ୍ଛତା, ସେବା, ପରିବେଶର ସୁରକ୍ଷା, ବୃକ୍ଷରୋପଣ, ସବୁଜ ବିପ୍ଳବ ସୃଷ୍ଟି କରିବା ଆମ ବ୍ୟାଚ୍‌ବନ୍ଧୁମାନଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକ ନିର୍ମଳ ପରିଡ଼ା, ରାକେଶ ସାହୁ, ଅଜିତ ସେଠୀ, ଅଲେଖ ସାହୁ, ନୀହାର ମହାପାତ୍ର, ଅଭିଜିତ୍ ଦାସ, ବିଶ୍ୱଜିତ୍ ବଳ, ସିଦ୍ଧାର୍ଥ କର, ଶୁଭକାନ୍ତ ସ୍ୱାଇଁ ପ୍ରମୁଖ କହିଥିଲେ। ଉକ୍ତ ବ୍ୟାଚ୍ ବନ୍ଧୁମାନଙ୍କ ପକ୍ଷରୁ ଆସନ୍ତା ଜାନୁଆରୀରେ ନିମାପଡ଼ାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ସେଥିରେ ସମସ୍ତେ ଯୋଗଦେବାକୁ ସମାରୋହରେ ନିଷ୍ପତ୍ତି ନିଆଯାଇଥିଲା।

## ମିଳିଲାନି ଗହମ, ଖାଉଟି ହନ୍ତସନ୍ତ

ଯୋଗେଶ୍ୱରପୁର,୧୫।୧୨(ରଶ୍ମିରଞ୍ଜନ ସାହୁ)

ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ପରେ ବି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପଡ଼ିକାର୍ଡଧାରୀଙ୍କୁ ଏକଟଙ୍କିଆ ଗହମ ମିଳିନାହିଁ। ୨୦୨୨ ଅଗଷ୍ଟ ଓ ସେପ୍ଟେମ୍ବରରେ ଧାର୍ଯ୍ୟ ପରିମାଣଠାରୁ ଅଧା ଗହମ ମିଳିଥିଲା। ସେହି ବର୍ଷ ନଭେମ୍ବରରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ତେବେ ୨ ବର୍ଷ ପରେ ଗତ ସେପ୍ଟେମ୍ବରରୁ ପୁଣି ଗହମ ଯୋଗାଇ ଦିଆଯିବ ବୋଲି ସରକାର କହିଥିବା ବେଳେ କ'ଣ ପାଇଁ ପୁଣି ବନ୍ଦ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଯୋଗାଣ ବିଭାଗ ସୂଚନା ଅନୁସାରେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗୋପ ବ୍ଲକ ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରେ ଗରିବ ପରିବାରଙ୍କୁ ଗହମ ମିଳି ନ ଥିବା ନେଇ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଦେଓ୍ୱଳୀ ସରପଞ୍ଚ ରିସ୍ମା ସ୍ୱାଇଁ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସାଗରିକା ନାୟକ, ବିଜେଡି ନେତା ଅଭିମନ୍ୟୁ ସିଂହ, ସଭାପତି ଆଲୋକ ରାୟ, ଜଙ୍ଗଲବୋରୀ ସଭାପତି କାହ୍ନୁଚରଣ ସାହୁ, କୈଳାସ ସାହୁ, ସମିତିସଭ୍ୟା ଭାନୁମତି ମାଣିକ ଏବଂ ଯୁବନେତା ମକରଧ୍ୱଜ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଧନଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ପଥରପକା ଗାଁ


ମଣ୍ଡପରେ ମା' ଧନଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି।

କାକଟପୁର,୧୫।୧୨(ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା କାକଟପୁର ବ୍ଲକ ଅଧୀନ ପଥରପକା ଗ୍ରାମରେ ମା' ଧନଲକ୍ଷ୍ମୀଙ୍କ ପୂଜା ମା' ବାଟମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଛି। ଗତ ୧୧ରେ ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟା ବଜାଇ ସ୍ଥାନୀୟ ଦେବୀନଦୀ ଘାଟରୁ ଜଳ ଆଣିବା ପରେ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଧନଲକ୍ଷ୍ମୀଙ୍କ ଆବାହନ ଓ ହୋମଯଜ୍ଞ ଇତ୍ୟାଦି କରାଯାଇ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। କର୍ତ୍ତା ଭାବେ ଅରୂପ ନାୟକ ଓ କର୍ତ୍ତ୍ରୀ ଭାବେ ରଞ୍ଜନା ନାୟକ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଧନଲକ୍ଷ୍ମୀ ପୂଜା ପାଇଁ ପଥରପକା ଗ୍ରାମ ସମେତ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ପଥରପକା ଗ୍ରାମବାସୀ ନିଷ୍ଠା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଉକ୍ତ ପୂଜା କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## ମଦମୁକ୍ତି ଯୁବବାହିନୀର ବିକ୍ଷୋଭ ପ୍ରଦର୍ଶନ



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସାକ୍ଷୀଗୋପାଳ,୧୫।୧୨
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ମଦମୁକ୍ତି ଓଡ଼ିଶା ଗଠନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଓଡ଼ିଶା ମଦମୁକ୍ତି ଯୁବବାହିନୀର କର୍ମକର୍ତ୍ତାମାନେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମସ୍ତ ମଦ ଦୋକାନରୁ ସରକାରୀ ଲାଇସେନ୍ସ ପ୍ରତ୍ୟାହାର, ଓଡ଼ିଶାକୁ ମଦମୁକ୍ତି ଘୋଷଣା, ଏଥିପାଇଁ ଚଳାଇଥିବା ଆନ୍ଦୋଳନକାରୀଙ୍କ ଉପରେ କରାଯାଇଥିବା ମକଦ୍ଦମା ପ୍ରତ୍ୟାହାର ଏବଂ ସେମାନଙ୍କ ଉପରେ ହୋଇଥିବା ଆକ୍ରମଣ, ଗୁଳିଚାଳନା ଆଦି ମାମଲାର ଆଶୁ ବିଚାର ଓ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ସମ୍ପର୍କରେ ନାରାବାଜି ଦେଇ ଆନ୍ଦୋଳନକାରୀମାନେ ବ୍ୟାନର, ପ୍ଲାକାର୍ଡ ସହ ବଜାର ପରିକ୍ରମା କରିଥିଲେ। ଏ ଦିଗରେ ୫ଲକ୍ଷ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ମଦମୁକ୍ତି ଆନ୍ଦୋଳନ ଜରିଆରେ ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ପ୍ରୟାସ ଚାଲିଛି ବୋଲି ମଦମୁକ୍ତି ଯୁବବାହିନୀର ରାଜ୍ୟ ଆବାହକ ସତ୍ୟବ୍ରତ ପୃଷ୍ଟି କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମ ଓ ସ୍ୱାକ୍ଷର ଅଭିଯାନରେ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମଧ୍ୟରେ ଭାସ୍କର ସାହୁ, ସମାଜ ଷଡ଼ଙ୍ଗୀ, ହିମାଂଶୁ ନାୟକ, ଅରୁଣ ସାମନ୍ତରାୟ, ଅମିୟ ସ୍ୱାଇଁ, ବାନାମ୍ବର ବେହେରା ଓ ଅନିଲ ପରିଡ଼ା ପ୍ରମୁଖ ସାମିଲ ଥିଲେ।

## ସୁସ୍ଥ ଶରୀର ଗଠନ ସହ ମନୋବଳ ଦୃଢ଼ କରିଥାଏ କ୍ରୀଡ଼ା

ଅସ୍ତରଙ୍ଗ,୧୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଶିକ୍ଷା ବିକାଶ ସମିତିର ପୂର୍ବ ସଂଭାଗ ପୁରୀ ଜିଲା ଅନ୍ତର୍ଗତ ଅସ୍ତରଙ୍ଗ ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅସ୍ତରଙ୍ଗ ବ୍ଲକ କୁଆଁରପୁର ନିକଟସ୍ଥ ଭଣ୍ଡରପଦା ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଭାପତି ରମାନାଥ ପରିଡ଼ା, ସମ୍ମାନିତ ଅତିଥି ଭାବେ ସଂକୁଳ ସଂଯୋଜକ ତନ୍ମୟ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶିକ୍ଷାବିତ୍ ବିଜୟ କୁମାର ଭଞ୍ଜ, ଉପସଭାପତି ବିପିନ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡ଼ା ସୁସ୍ଥ ଶରୀର ଗଠନ, ଦୃଢ଼ ମନୋବଳ ବିକାଶ କରିବା ଓ ଜୀବନ ଜୀବିକାରେ ମଧ୍ୟ ସହାୟକ ହୋଇଥାଏ ବୋଲି କହିଥିଲେ।

ଏହି ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ାରେ ୬ଟି ବିଦ୍ୟାଳୟ ଯଥା ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର, କାକଟପୁର ସରସ୍ୱତୀ ଶିଶୁମନ୍ଦିର, ଯୋଗେଶ୍ୱରପୁର ସରସ୍ୱତୀ ଶିଶୁମନ୍ଦିର, ବାଲିଦୋକାନ ସରସ୍ୱତୀ ଶିଶୁମନ୍ଦିର, ଆମପଡ଼ା ସରସ୍ୱତୀ ଶିଶୁମନ୍ଦିର ଏବଂ ଓଥକା ସରସ୍ୱତୀ ଶିଶୁମନ୍ଦିରର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସିନିୟର ଓ ଜୁନିୟରସ୍ତରରେ ହାଇଜମ୍ପ, ଲଙ୍ଗଜମ୍ପ, ଦୌଡ଼, ଶଟ୍‌ପୁଟ ଥ୍ରୋ ଖେଳ ହୋଇଥିଲା। ଏହି କ୍ରୀଡ଼ାରେ ୩ ବିଭାଗର ୫୨ଟି ଇଭେଣ୍ଟରେ ବିଭିନ୍ନ ବିଦ୍ୟାଳୟର ୧୪୨ ପ୍ରତିଯୋଗୀ ଭାଗ ନେଇଥିଲେ। ଆଚାର୍ଯ୍ୟ ଦିବାକର ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ସନ୍ତୋଷ ଜେନା, ରବୀନ୍ଦ୍ର ସେନାପତି, ଗୀତା ଗୁରୁମା, ମମତା ଗୁରୁମା କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା ଯୋଗଦେଇ କ୍ରୀଡ଼ା ଯୋଗୁ ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡ଼ା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପ୍ରତିଭା ଅନ୍ୱେଷଣର ମୂଳମନ୍ତ୍ର

ନିମାପଡ଼ା,୧୫।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାସ୍ଥିତ ବନମାଳୀ ବ୍ରହ୍ମଚାରୀ ସ୍ମୃତିନ୍ୟାସ ପ୍ରତିଷ୍ଠାନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଶିଶୁ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ଓ ପ୍ରତିଭାର ପରିପ୍ରକାଶ ହିଁ ପ୍ରତିଭା ଅନ୍ୱେଷଣର ମୂଳମନ୍ତ୍ର। ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ କଳା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଏହିଭଳି କାର୍ଯ୍ୟକ୍ରମ ଓ ପ୍ରୟାସ ଏକାନ୍ତ ଆବଶ୍ୟକ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଶିଶୁ ହସିଲେ ଦେଶ, ରାଜ୍ୟ ହସିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ପ୍ରତିଷ୍ଠାନ ସଭାପତି ଶିକ୍ଷାବିତ୍ ମାଧବ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ବିଶିଷ୍ଟ ଗ୍ରନ୍ଥକାର ହିମାଂଶୁ ଶେଖର ଆଚାର୍ଯ୍ୟ, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ପ୍ରତିଷ୍ଠାନ ଆବାହକ ଭାଗ୍ୟଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ୭୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ, ସୃଜନଶୀଳ ଲେଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ୩୬ କୃତୀ ପ୍ରତିଯୋଗୀ, ୨୫ ବିଚାରକ, ୧୦ କୃତୀ ଶିକ୍ଷକଙ୍କ ସମେତ ମୋଟ ୮୦ କୃତୀ ପ୍ରତିଭା ଓ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ କର, ନିର୍ମଳ ମିଶ୍ର, ସୁକାନ୍ତ ସ୍ୱାଇଁ, ପ୍ରତାପ ସାବୁତ, ସୁଦର୍ଶନ ଭୋଇ, ଦେବାଶିଷ ପତି ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମରେ ସଂଯୋଜନା ଓ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଅତିଥିମାନେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

## ଆଧ୍ୟାତ୍ମିକତା ହିଁ ଶାନ୍ତି, ସଂହତି, ସମନ୍ୱୟର ଭାବଧାରା

**ଶ୍ରୀବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟର ଷଷ୍ଠ ବାର୍ଷିକ ମହୋତ୍ସବ**

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଶ୍ରୀବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟ ପୁରୀର ଷଷ୍ଠ ବାର୍ଷିକ ମହୋତ୍ସବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ଓ ଲେଖକ ସମାବେଶ ରବିବାର ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସହକାରୀ ପ୍ରାଧ୍ୟାପକ ଡାକ୍ତର (ମେଜର) ମୁକୁନ୍ଦ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହୁ କହିଥିଲେ, ଆମେ ଓଡ଼ିଆ କହିବା ଓ ଆମ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ଧର୍ମ। ଏଥିସହ ସମାଜରେ ସଂସ୍କାର ଆଣିବାକୁ ସେ ଆହ୍ୱାନ ଦେଇଥିଲେ। ଟ୍ରଷ୍ଟ ସଭାପତି ଡାକ୍ତର ସୌମ୍ୟକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ ଶତପଥୀ ଯୋଗଦେଇ କହିଲେ, ଆଧ୍ୟାତ୍ମିକତା ହିଁ ଶାନ୍ତି, ସଂହତି ଓ ସମନ୍ୱୟର ଭାବଧାରା। ଭଗବତ ପ୍ରାପ୍ତିର ମୂଳ ଲକ୍ଷ୍ୟ ହେଉଛି ଈଶ୍ୱର ଆରାଧନା। ସତ୍‌ମାର୍ଗ ହିଁ ଆମକୁ ଈଶ୍ୱରୀୟ ଭାବଧାରା ସହିତ ସଚେତନ କରିଥାଏ। ମୁଖ୍ୟବକ୍ତା ଭାବେ ସ୍ୱାସ୍ଥ୍ୟଶଲ୍ୟ ବିଭାଗ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଡାକ୍ତର ରବିନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ଡାକ୍ତର ଦେବପ୍ରସାଦ ଦାସ, ମହାପାତ୍ର ସବିତା ହୋତା ଯୋଗଦାନ କରିଥିଲେ। ଏହି ଅବସରରେ 'ବିଶ୍ୱନୟନ'ର ଷଷ୍ଠ ବିଶେଷାଙ୍କ ଓ ପ୍ରମୋଦା ଦେବୀଙ୍କ 'ଯୋଗଜନ୍ମା ଯୁଗପୁରୁଷ' ପୁସ୍ତକ ଲୋକାର୍ପଣ ହୋଇଥିଲା। ସମ୍ପାଦିକା ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନାରେ ଅଞ୍ଜନ କୁମାର ହୋତା, ଡା. ତପନ ଦାଶ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଶିବପ୍ରସାଦ ପଣ୍ଡା, ମୋହନ ମହାରଣା ଏବଂ ଅମିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

**ଖୁଣ୍ଟୁଣୀରେ ସତ୍ୟସାଇ ବାବାଙ୍କ ପାଦୁକା ଦର୍ଶନ ରଥକୁ ସମ୍ବର୍ଦ୍ଧନା**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଆନ୍ଧ୍ରପ୍ରଦେଶର ପ୍ରଶାନ୍ତିଠାରୁ ବାହାରିଥିବା ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ ପାଦୁକା ଦର୍ଶନ ରଥ ରବିବାର ଅପରାହ୍ନରେ ଖୁଣ୍ଟୁଣୀଠାରେ ପହଞ୍ଚି ସାହି, ବସ୍ତି ପରିକ୍ରମା କରିଥିଲା। ଖୁଣ୍ଟୁଣୀ ଥାନା ଛକଠାରେ ଥିବା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ରଥ ପହଞ୍ଚିବା ପରେ ବହୁସଂଖ୍ୟକ ଭକ୍ତ ପାଦୁକା ଦର୍ଶନ କରିଥିଲେ। କଟକ ଜିଲା ସତ୍ୟସାଇ ସେବା ସମିତି ସଭାପତି ବିଚିତ୍ରା ନନ୍ଦ ମହାନ୍ତିଙ୍କ ନେତୃତ୍ୱ ଓ ଆଠଗଡ଼ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଏହି ରଥ ଆସି ପରିକ୍ରମା କରିଥିଲା। ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଜାତୀୟ ରାଜପଥରେ ଯାନବାହନ ନିୟନ୍ତ୍ରଣ କରାଯାଇଥିଲା।

## ସଂକ୍ଷେପରେ

### ଶିଶିର ଉତ୍ସବ ଉଦ୍‌ଘାଟିତ

କଟକ, ୧୫।୧୨(କାର୍ତ୍ତିକ ସାହୁ)

ସାହିତ୍ୟ ସଂସଦ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ୩ ଦିନିଆ ଶିଶିର ଉତ୍ସବ ଓ କବିତା ପାଠୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। କବି ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି କବି ମୁରଲୀଧର ସାମଲ, ମୁଖ୍ୟବକ୍ତା ଶିଶିର କୁମାର ବେହେରା, ସମ୍ମାନିତ ଅତିଥି ଡାକ୍ତର ଅମିୟ କୁମାର ମହାପାତ୍ର ଯୋଗଦେଇ ଆଧୁନିକ ଓଡ଼ିଆ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କବିତା ପାଠୋତ୍ସବରେ ୪୪ ଜଣ କବି କବିତା ପାଠ କରିଥିଲେ। କବି ଗୀତାଞ୍ଜଳି ପୃଷ୍ଟି ଓ ଛବିରାମ ସେଠୀ ଏହାକୁ ସଂଯୋଜନା କରିଥିଲେ। ସାହିତ୍ୟ ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ୍ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା, ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨୫ ଜଣ କବିଙ୍କୁ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ମହାପାତ୍ର, ଅଶୋକ କୁମାର ଦାସ, ଶକ୍ତିପ୍ରଦା ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁରଜିତ୍ ନାଥ ଧନ୍ୟବାଦ ଦେଇଥିଲେ।

### ଦ୍ୱିତୀୟ ଯକୃତ ପ୍ରତିରୋପିତ ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗ ଆଇସିୟୁରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି ଦ୍ୱିତୀୟ ଯକୃତ ପ୍ରତିରୋପିତ ନୟାଗଡ଼ ଅଞ୍ଚଳର ମାନସ ମୁଦୁଲି। ପ୍ରାୟ ୧୫ ଦିନ ହେବ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତାଙ୍କ ଶରୀରରେ ରକ୍ତ କମ୍ ଥିବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଏବେ ମାନସଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୯ ତାରିଖରେ ଏସ୍‌ସିବିରେ ମାନସଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ପତ୍ନୀ ଛବି ମୁଦୁଲିଙ୍କ ଶରୀରରୁ ୫୫ ପ୍ରତିଶତ ଯକୃତ କଢ଼ାଯାଇ ତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ପରେ ଉଭୟଙ୍କୁ ଏସ୍‌ସିବିରୁ ଡିସ୍‌ଚାର୍ଜ କରାଯାଇଥିଲା।

# ଏସ୍‌ସିବିରେ ନିଶାସକ୍ତଙ୍କ ଉତ୍ପାତ

କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)




■ କର୍ମଚାରୀ ଚାକିରିରୁ ବହିଷ୍କୃତ
■ ବର୍ଷକରେ ନିୟମ ଭାଙ୍ଗି ୭୦ ବିଦା

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମେଡିକାଲର କାଜୁଆଲ୍‌ଟିରେ କୋ-ଅର୍ଡିନେଟର ଭାବେ କାର୍ଯ୍ୟ କରୁଥିବା ରଞ୍ଜନ ମହାପାତ୍ର ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରୁଥିଲେ। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଏସ୍‌ସିବି ଫାଣ୍ଡିକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ଉଠାଇ ନେବା ସହ ବ୍ରେଥ୍ ଆନାଲାଇଜର ସହାୟତାରେ ଟେଷ୍ଟ କରିଥିଲା। ଫଳରେ ସେ ମଦ ପିଇଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ରଞ୍ଜନଙ୍କୁ ଚାକିରିରୁ ବିଦା କରାଯାଇଥିବା ନେଇ ଏସ୍‌ସିବି ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି।

ମେଡିକାଲରେ ଡ୍ୟୁଟି କରିବା ସମୟରେ କୌଣସି କର୍ମଚାରୀ ପାନ, ଗୁଟ୍‌ଖା ଓ ନିଶା ସେବନ କରିପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ଷେ ତଳେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେହିପରି ଡ୍ୟୁଟି ସମୟରେ ପରିଚୟପତ୍ର ପକାଇବା ସହ ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏଭଳି ନିର୍ଦ୍ଦେଶନାମା ଜାରି ପରେ ଏସ୍‌ସିବି ମେଡିକାଲ କୁଳସଚିବ ଡ. ରାଉତଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀଙ୍କୁ ଏନେଇ ସଚେତନ ସହ ତାଗିଦ୍ କରାଯାଇଥିଲା। ତଥାପି ଏହି ନିର୍ଦ୍ଦେଶନାମାକୁ ପାଳନ ନ କରି ଗତ ୧ ବର୍ଷ ମଧ୍ୟରେ ମେଡିକାଲର ପ୍ରାୟ ୭୦ ଜଣ କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଏନେଇ ଡ. ରାଉତ କହିଛନ୍ତି, ଆଗାମୀ ଦିନରେ କୌଣସି କର୍ମଚାରୀ ଏହି ନିର୍ଦ୍ଦେଶ ପାଳନ ନ କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଇଭି କମ୍ ସୋଲାର ଗାଡ଼ି ଉଦ୍‌ଭାବନ କଲେ ପଲିଟେକ୍‌ନିକ୍ ଛାତ୍ର



କଣ୍ଟାପଡ଼ା,୧୫।୧୨(ସୁରନାରାୟଣ ସାହୁ)

**ଦଧୀଚି ଆର୍ଯ୍ୟାନ ପଲିଟେକ୍‌ନିକ୍ କଲେଜ**

କଣ୍ଟାପଡ଼ା ବ୍ଲକ ଅଧୀନ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନ ଆର୍ଯ୍ୟାନ ପଲିଟେକ୍‌ନିକ୍ କଲେଜର ଆର୍ଯ୍ୟାନ ଇନୋଭେଶନ ଏବଂ ଏଣ୍ଟ୍ରେପ୍ରେନ୍ୟୁରଶିପ୍ ସେଲ ବିଭାଗର ଛାତ୍ରମାନେ ଇଭି କମ୍ ସୋଲାର ଯାନ ସଫଳତାର ସହ ଉଦ୍‌ଭାବନ କରିଛନ୍ତି। ପରିବହନ କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ହେବା ସହ ସୋଲାର ଚାର୍ଜ ଯୋଗୁ ଗାଡ଼ି ମାଲିକ ଅଧିକ ବିଦ୍ୟୁତ୍ ଖର୍ଚ୍ଚରୁ ମୁକ୍ତି ପାଇବେ। ଦଧୀଚି ପଲିଟେକ୍‌ନିକ୍ କଲେଜ ଓ ଉକ୍ତ ବିଭାଗର ଛାତ୍ରଙ୍କ ଭାଗୀଦାରିରେ ଉକ୍ତ ପ୍ରକଳ୍ପକୁ ବିକଶିତ କରିବା ପାଇଁ ୨ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ବିଦ୍ୟୁତ୍‌ରେ ଥରେ ଚାର୍ଜ ହେଲେ ଗାଡିଟି ୩୦ କିମି ବେଗରେ ପ୍ରାୟ ୪୦ କିମି ଯିବ। ଏହାପରେ ଗାଡି ସୌରଶକ୍ତି ଦ୍ୱାରା ଚାର୍ଜ ହୋଇ ଅସୀମିତ ବାଟ ଯିବ ବୋଲି ପ୍ରକଳ୍ପ ସଂଯୋଜିକା ପ୍ରଜ୍ଞା ପାରମିତା ସ୍ୱାଇଁ କହିଛନ୍ତି। ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ଓ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ, କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ଜେନା, ଉପାଧ୍ୟକ୍ଷ ଜୟନ୍ତ କୁମାର ଘୋଷ, ନିର୍ଦ୍ଦେଶକ(ଅର୍ଥ) ବାସୁଦେବ ବିଶ୍ୱାଳ, ନିର୍ଦ୍ଦେଶକ(ପ୍ରଶାସନିକ) ସୀମାଞ୍ଚଳ ପଣ୍ଡା ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

ଚୌଦ୍ୱାର,୧୫।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାର୍‌ବାଟିଆ ବଜାରରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ବ୍ରହ୍ମପୁର ପଞ୍ଚାୟତ ଅଧୀନ ବେଲଦା ଗ୍ରାମର ଦୀପକ ନାୟକ ଓ ନଖରା ପଞ୍ଚାୟତ ଅଲାରପୁର ଗ୍ରାମର କିଶୋର ଜେଠୀ। ମୋ' ବସ୍(ନଂ.ଓଡିଶା୩ୟୁ-୬୫୨୫) କଟକରୁ ଚାର୍‌ବାଟିଆ ବଜାରକୁ ଯାଉଥିବାବେଳେ ନ୍ୟୁ କଲୋନୀ ରାସ୍ତା ନିକଟରେ ସମ୍ମୁଖରୁ ଆସୁଥିବା ବାଇକ୍(ଓଡ଼ି୦୫ଏକେ-୧୭୨୪) ସେଥିରେ ଘଶି ହୋଇଯାଇଥିଲା। ଫଳରେ ବାଇକ୍‌ରେ ବସିଥିବା ଦୀପକ ଓ କିଶୋର ତଳେ ପଡ଼ିଯାଇଥିଲେ। ବସ୍‌ର ଚକ ଚଢ଼ିଯିବାରୁ ଦୀପକଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହିତ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ସେହିପରି କିଶୋରଙ୍କ ଦୁଇଗୋଡ଼ ଭାଙ୍ଗିଯାଇଛି। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ସହାୟତାରେ ଗୁରୁତର ଦ୍ୱୟଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଛି। ସନ୍ଧ୍ୟା ସମୟରେ ବଜାର ନିକଟରେ ଦୁର୍ଘଟଣା ଘଟିଥିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ପୋଲିସ ଉକ୍ତ ବସ୍‌କୁ ଥାନାକୁ ନେବା ସହ ଚାଳକଙ୍କୁ ଅଟକ ରଖିଛି।

# ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ପୁରସ୍କାର ବିତରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ସଦର,୧୫।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ହାଇସ୍କୁଲ ପଡ଼ିଆରେ ରବିବାର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କିଶୋରନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠିତ ଏକଦିବସୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ୬ଟି ଶିଶୁ ବିଦ୍ୟାମନ୍ଦିରର ୧୩୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅଜୟ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବରେ ପରିଚାଳନା କମିଟି ସଭାପତି କିଶୋର ଦାଶ, ସମ୍ପାଦକ ଭରତ ଓଝା, ପ୍ରଶାନ୍ତ ବିଷୋୟୀ, ଗଗନ ମହାପାତ୍ର ଯୋଗଦେଇଥିଲେ। ହରେନ ମଣ୍ଡଳ, ବିକ୍ରମ କାଣ୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନେଶ୍ୱର ବାର୍ ଆସୋସିଏଶନ ଚାମ୍ପିୟନ

କଟକ, ୧୫।୧୨(କାର୍ତ୍ତିକ ସାହୁ)

**ମଧୁ ବାରିଷ୍ଟର ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କଟକମଧୁବାରିଷ୍ଟରଆଇନଜୀବୀସଙ୍ଗଠନ ଆନୁକୂଲ୍ୟରେ ତ୍ରିଶୂଳିଆସ୍ଥିତ ନରଣପୁର ଖେଳପଡିଆରେ ଚତୁର୍ଥ ବାର୍ଷିକ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କଟକ ବାର୍ ଆସୋସିଏଶନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ବାର୍ ଆସୋସିଏଶନକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଭୁବନେଶ୍ୱର ବାର୍ ଆସୋସିଏଶନ ଓ କଟକ ବାର୍ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ବାର୍ ଆସୋସିଏଶନ ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଭୁବନେଶ୍ୱର ବାର୍ ଆସୋସିଏଶନର ଆଶୁତୋଷ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଖେଳାଳୀନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଅତିଥି ରୂପେ ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଭୁବନେଶ୍ୱର ବାର୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, କଟକ ବାର୍ ଆସୋସିଏଶନର ସହ ସମ୍ପାଦକ ନୀତା ଶତପଥୀ, ବରିଷ୍ଠ ଆଇନଜୀବୀ ପାର୍ଥସାରଥି ନାୟକ, ଶରତ ଚନ୍ଦ୍ର ପ୍ରଧାନ, ଧ୍ରୁବ ଚରଣ ରାଉତ, ଶୁଭ୍ରାଂଶୁ ମହାନ୍ତି, ତାପସ ନାୟକ, ନେପାଳ କୁମାର ସାମନ୍ତ, ସ୍ମୃତିରଞ୍ଜନ ରାଉତ, ସୁବାଶିଷ ପଟ୍ଟନାୟକ, ସ୍ୱଦେଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସଙ୍ଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଧନ୍ୟବାଦ ଦେଇଥିଲେ। ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଆଇନଜୀବୀ ନିରଞ୍ଜନ ବେହେରା, ହରି ଓଝା, ରୋହିତ ରଞ୍ଜନ ସ୍ୱାଇଁ, ବିଶ୍ୱଜିତ୍ ସିଂ, ଅରବିନ୍ଦ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରଭାତ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ଫୁଲନଖରା,୧୫।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ଅଧୀନ ସାଇଁସୋ ପଞ୍ଚାୟତର ଆଞ୍ଚଳିକ ବିଜୁ କଲ୍ୟାଣ ମଣ୍ଡପଠାରେ ସୂଚନା ଅଧିକାର ଅଭିଯାନ କଟକ ଜିଲା ପକ୍ଷରୁ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ। କଟକ ଜିଲା ସୂଚନା ଅଧିକାର କର୍ମୀ ଗୁରୁପ୍ରସାଦ ମହାପାତ୍ର ଓ ବସନ୍ତ ଜେନା ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦେଇ କର୍ମୀମାନଙ୍କୁ ସୂଚନା ଅଧିକାର ଆଇନ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁଧୀର ମହାନ୍ତି, ବରିଷ୍ଠ ସଦସ୍ୟା ସଂଯୁକ୍ତା ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଜାଦ ହିନ୍ଦ୍ ପାଣିଗ୍ରାହୀ, ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ ଯୋଗଦେଇ ସୂଚନା ଅଧିକାର କର୍ମୀଙ୍କ ଉପରେ ହେଉଥିବା ଆକ୍ରମଣ ଏବଂ ବିଭିନ୍ନ ସମୟରେ ଦୁର୍ନୀତିଗ୍ରସ୍ତ ଅଧିକାରୀ କିଭଳି ସୂଚନା ଅଧିକାର କର୍ମୀଙ୍କୁ ଲାଞ୍ଛନା ଦେବା ଓ ବଦନାମ କରିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ, ପ୍ରତାପ ମହାନ୍ତି, ନବକିଶୋର ଦାସ ଓ ସଞ୍ଜୟ ସାହୁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ପିଲାଙ୍କ ମଧ୍ୟରେ ପ୍ରତିଭା ଲୁଚିରହିଛି

କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)



ଜିଲାସ୍ତରୀର ବିବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ଗହଣରେ ଅତିଥିବୃନ୍ଦ।

**ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା**

କଟକ ନୃତ୍ୟଉତ୍ସବ କମିଟି ଆନୁକୂଲ୍ୟରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୫ତମ ସାତସାହି ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ରେଭେନ୍‌ଶା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ୧୫ତମ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଭିଭାବକ କମିଟିର ସଭାପତି ହୃଷୀକେଶ ବଳ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ୱକଫ୍ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସୟଦ୍ ଏକ୍ରାମ ହୁସେନ ଯୋଗଦେଇ କହିଛନ୍ତି, ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ପ୍ରତିଭା ଲୁଚିରହିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିପାରିବ। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଚିତ୍ରାଙ୍କନ,ଏକକ ଅଭିନୟ, ଓଡ଼ିଶୀ ନୃତ୍ୟ, ଭଜନ ଓ ଆଧୁନିକ ନୃତ୍ୟରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କମିଟି ପକ୍ଷରୁ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ସାତସାହି କଟକ ନୃତ୍ୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କମିଟିର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଲ୍ଲାସ ସେନ, ଡା. ଦୁର୍ଗାଚରଣ ଦାଶ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ, ପାର୍ଥସାରଥି ସ୍ୱାଇଁ, ବିଶ୍ୱଜିତ୍ ସେନାପତି, ସୁନୀଲ ଦାସ ଉପସ୍ଥିତ ଥିଲେ।

## ଫଟୋରେ ଖବର



କଟକ ବାଲିଯାତ୍ରା ଉପର ପଡିଆରେ ସ୍ୱପ୍ନା ଫାଉଣ୍ଡେସନର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଓ ଅନ୍ୟମାନେ।



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋବିନ୍ଦପୁରସ୍ଥିତ ସିଦ୍ଧିଗିରି ଆଶ୍ରମ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସିଦ୍ଧିଗିରି ମହୋତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚେୟାରମ୍ୟାନ୍ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କର ରେକର୍ଡ ପରିମାଣର ଲାଭ

■ଜିଏନ୍‌ପିଏ ୩.୧୨%କୁ ହ୍ରାସ

■ନେଟ୍ ଲାଭ ୧.୪୧ଲକ୍ଷ କୋଟି

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)







କ୍ରମାଗତ ଭାବେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର କାରବାର ବେଶ ଉତ୍ସାହ ଜନକ ରହିଛି। ଏପରିକି ବ୍ୟାଙ୍କ ଗୁଡ଼ିକର ଲାଭ ପୂର୍ବପେକ୍ଷା ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ସର୍ବାଧିକ ୧.୪୧ ଲକ୍ଷ କୋଟି ଟଙ୍କାର ନେଟ୍ ଲାଭକରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଅପରପକ୍ଷରେ ଏହାର ଗ୍ରସ୍ ନନ୍‌ପର୍ଫର୍ମିଂ ଆସେଟସ୍ (ଜିଏନ୍‌ପିଏ) ଉଲ୍ଲେଖନୀୟ ହ୍ରାସ ଘଟି ୨୦୨୪ ସେପ୍ଟେମ୍ବରରେ ୩.୧୨%କୁ ଖସି ଆସିଛି। ଏପରିକି ଏହାର କ୍ରମାଗତ ପ୍ରଦର୍ଶନ ସହ ୮୫,୫୨୦ କୋଟିର ନେଟ୍ ଲାଭ ହାସଲ କରିଛି। ଏହା ବ୍ୟତୀତ ଗତ ୩ବର୍ଷ ମଧ୍ୟରେ ମୋଟ ୯, ୬୧,୯୬୪ କୋଟି ଡିଭିଡେଣ୍ଡ ଦେଇ ଶେୟାର ହୋଲ୍ଡର ରିଟର୍ନରେ ଯଥେଷ୍ଟ ଅବଦାନ ରଖିଛି। ଏହି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରର କାର୍ଯ୍ୟକ୍ଷମ ଦକ୍ଷତା, ଉନ୍ନତ ସମ୍ପତ୍ତି ଗୁଣବତ୍ତା ଏବଂ ଦୃଢ଼ ପୁଞ୍ଜି ଆଧାରକୁ ସୂଚିତକରେ। ସେମାନଙ୍କର ଆର୍ଥିକ ସଫଳତା ବ୍ୟତୀତ ଏହି ବ୍ୟାଙ୍କଗୁଡ଼ିକ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅଟଳ ପେନ୍‌ସନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜ୍ୟୋତି ବୀମା ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି।

ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକର ମୋଟ ଏନ୍‌ପିଏ ଅନୁପାତରେ ଏକ ଉଲ୍ଲେଖନୀୟ ଉନ୍ନତି ହୋଇଛି। ୨୦୧୮ ମାର୍ଚ୍ଚରେ ଏହା ୧୪.୫୮% ଥିବାବେଳେ ୨୦୨୪ ସେପ୍ଟେମ୍ବର ମଧ୍ୟରେ ୩.୧୨%କୁ ହ୍ରାସ ପାଇଛି। ୨୦୧୫ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମ୍ପତ୍ତି ଗୁଣବତ୍ତା ସମୀକ୍ଷା (ଏକ୍ୟୁଆର୍) ପ୍ରବର୍ତ୍ତନ କରିଥିବାବେଳେ ବ୍ୟାଙ୍କଗୁଡ଼ିକରେ ଲୁକ୍କାୟିତ ଚାପକୁ ଚିହ୍ନଟକରିବା ଏବଂ ସମାଧାନ କରିବା ସହ ଅନ୍ୟାନ୍ୟ ଦିଗରେ ଏହା ସହାୟକ ହୋଇଥିଲା। ଅନ୍ୟପଟେ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକର ସିଆର୍‌ଏଆର୍ ୨୦୧୪-୧୫ ତୁଳନାରେ ୩୯% ବୃଦ୍ଧି ପାଇଛି । ୨୦୨୪ ସେପ୍ଟେମ୍ବରରେ ୧୫.୪୩% କୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚ ୨୦୧୫ ରେ ୧୧.୪୫% ଥିଲା। ଏହି ସିଆର୍‌ଏଆର୍ ଆର୍‌ବିଆଇର ସର୍ବନିମ୍ନ ଆବଶ୍ୟକତାଠାରୁ ୧୧.୫% ଠାରୁ ବହୁତ ଅଧିକ। ଏହା ଅନୁଷ୍ଠାନଗୁଡ଼ିକର ଆର୍ଥିକ ସୁଦୃଢ଼ତାକୁ ଦର୍ଶାଉଛି।

ପିଏମ୍ ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପିଏମ୍-ସ୍ୱନିଧି, ପିଏମ୍ ବିଶ୍ୱକର୍ମା ଆଦି ପ୍ରମୁଖ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା ଅଧୀନରେ ୫୪ କୋଟି ଜନଧନ ଆକାଉଣ୍ଟ ଏବଂ ୫୨ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର କରାଯାଇଛି। ୨୦୧୪ ମାର୍ଚ୍ଚରେ ବ୍ୟାଙ୍କ ଶାଖା ସଂଖ୍ୟା ୧,୧୭,୯୯୦ ଥିବାବେଳେ ସେପ୍ଟେମ୍ବରରେ ଏହି ସଂଖ୍ୟା ୧,୬୦,୫୦୧କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୧,୦୦,୬୮୬ ଶାଖା ଗ୍ରାମୀଣ ଏବଂ ଅର୍ଦ୍ଧ ସହରୀ ଅଞ୍ଚଳରେ ଅଛି। ସେହିପରି କିଷାନ କ୍ରେଡିଟ କାର୍ଡ (କେସିସି) ମାଧ୍ୟମରେ କୃଷକମାନଙ୍କୁ ସ୍ୱଳ୍ପକାଳୀନ ଫସଲ ଋଣ ଯୋଗାଇଦିଆଯାଉଛି। ସେହିପରି କ୍ରମାଗତ ଭାବରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଉଛି। ଗତ ୩ ବର୍ଷ ମଧ୍ୟରେ ୧୫% ସିଏଜିଆର୍ ପଞ୍ଜୀକୃତ ହୋଇଛି। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ଅଗ୍ରଗତି ୨୮.୦୪ ଲକ୍ଷ କୋଟିରେ ପହଞ୍ଚିଛି। ଏହା ବାର୍ଷିକ ୧୭.୨% ଅଭିବୃଦ୍ଧି ଦର୍ଶାଉଛି। ୨୦୦୪-୨୦୧୪ ମଧ୍ୟରେ ଧାର୍ଯ୍ୟ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ମୋଟ ଅଗ୍ରଗତି ୮.୫ ଲକ୍ଷ କୋଟିରୁ ୬୧ ଲକ୍ଷ କୋଟିକୁ ବୃଦ୍ଧି ପାଇଛି, ଯାହା ମାର୍ଚ୍ଚ ୨୦୨୪ ସୁଦ୍ଧା ୧୭୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ଜିଓର ୱେଲ୍‌କମ୍ ପ୍ଲାନ୍

ମୁମ୍ବାଇ,୧୫।୧୨

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ନୂତନ ବର୍ଷର ନୂତନ ପ୍ଲାନ୍‌କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏପରିକି ଜିଓର ଗ୍ରାହକମାନଙ୍କ ପାଇଁ ୨୦୨୫ ଟଙ୍କା ମୂଲ୍ୟର ଏକ ନୂଆ ବର୍ଷ ୱେଲ୍‌କମ୍ ପ୍ଲାନ୍ ଆରମ୍ଭ କରିଛି। ୨୦୦ଦିନର ଭାଲିଡିଟି ରହିଥିବା ଏହି ସ୍ୱତନ୍ତ୍ର ପ୍ଲାନ୍‌ରେ ଅସୀମିତ ୫ଜି ସେବା, ୫୦୦ଜିବି ୪ଜି ହାଇ-ସ୍ପିଡ୍ ଡାଟା (ଦୈନିକ ୨.୫ ଜିବି), ଅସୀମିତ କଲ୍ ଏବଂ ଏସ୍‌ଏମ୍‌ଏସ୍ ଉପଲବ୍ଧ। ଏହି ପ୍ଲାନ୍ ସହିତ ଗ୍ରାହକମାନେ ସମାନ ସୁବିଧା ମିଳୁଥିବା ମାସିକ ୩୪୯ଟଙ୍କା ମୂଲ୍ୟର ରିଚାର୍ଜ ତୁଳନାରେ ୪୬୮ଟଙ୍କା ସଞ୍ଚୟ କରିପାରିବେ। ଏହି ପ୍ଲାନ୍ ସହିତ ୨୧୫୦ ଟଙ୍କା ମୂଲ୍ୟର ପାର୍ଟନର କୁପନ ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ଏଥିରେ ୫୦୦ ଟଙ୍କା ମୂଲ୍ୟର ଆଜିଓ ରିହାତି କୁପନ (ସର୍ବନିମ୍ନ ୨୫୦୦ ଟଙ୍କା କ୍ରୟ ଉପରେ), ସ୍ୱିଗିରେ ୧୫୦ ଟଙ୍କା (୪୯୯ ଟଙ୍କାରୁ ଅଧିକ ଅର୍ଡର ଉପରେ) ଏବଂ ଇଜ ମାଇଁ ଟ୍ରିପ୍ ମାଧ୍ୟମରେ ଫ୍ଲାଇଟ୍ ବୁକିଂରେ ୧୫୦୦ ଟଙ୍କା ରିହାତି ଅନ୍ତର୍ଭୁକ୍ତ ରହିଛି। ଏହି ଅଫର ୨୦୨୫ ଜାନୁୟାରୀ ୧୧ ପର୍ଯ୍ୟନ୍ତ ଉପଲବ୍ଧ। ଜିଓର ଏହି ପ୍ଲାନ୍ ନୂଆ ବର୍ଷ ଉତ୍ସବକୁ ଅଧିକ ସ୍ୱତନ୍ତ୍ର କରିବା ପାଇଁ ଏକ ଉତ୍ତମ ସୁଯୋଗ ନେଇ ଆସିଛି।

## ୧୧ ମାସରେ ୧୫,୫୪୭ କୋଟି ଟଙ୍କାର ୟୁପିଆଇ କାରବାର

ଭୁବନେଶ୍ୱର, ୧୫।୧୨
(ଅନୁରାଧା ମହାରଣା)




ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୧୫,୫୪୭ କୋଟି ଟଙ୍କାର କାରବାରକରି ୨୨୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଅର୍ଥ ମନ୍ତ୍ରଣାଳୟ ଏହାର ରିପୋର୍ଟରେ କହିଛି, ୟୁପିଆଇ କେବଳ ଭାରତରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିନାହିଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଛି। ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍ ଆଦି ୭ଟି ଦେଶରେ ୟୁପିଆଇ କାର୍ଯ୍ୟ କରୁଛି। ୨୦୧୬ରେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ୟୁପିଆଇ ଆରମ୍ଭ କରାଯାଇଥିଲା। ଏହି ଡିଜିଟାଲ ପେମେଣ୍ଟ ସିଷ୍ଟମ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ ଆପ୍ ସହ ଲିଙ୍କ୍ କରି ଟଙ୍କା ପଠାଇବା ଏବଂ ଗ୍ରହଣ କରିବା ସହଜ କରିଥାଏ । ଏହି ବ୍ୟବସ୍ଥା ଭାରତର ଦେୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ୨୦୨୪ ଅକ୍ଟୋବରରେ ୧୬.୫୮ ବିଲିୟନ କାରବାରର ଏକ ନୂତନ ରେକର୍ଡ ସୃଷ୍ଟିକରି ମୋଟ ୨୩.୪୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅକ୍ଟୋବର ୨୦୨୩ରେ ୧୧.୪୦ ବିଲିୟନ କାରବାର ତୁଳନାରେ ଏହି ସଂଖ୍ୟା ବାର୍ଷିକ ୪୫% ବୃଦ୍ଧିକୁ ସୂଚିତ କରୁଛି। ୟୁପିଆଇ ବିଶେଷକରି କ୍ଷୁଦ୍ର ବ୍ୟବସାୟୀ, ଉଠାଦୋକାନୀ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ଟଙ୍କା ପଠାଇବା ଏବଂ ଗ୍ରହଣ କରିବାର ଏକ ପ୍ରଭାବଶାଳୀ ମାଧ୍ୟମ ହୋଇପାରିଛି।

# ବାର୍ଷିକ ଅର୍ଡରରେ ୩୫% ଅଭିବୃଦ୍ଧି

ନୂଆଦିଲ୍ଲୀ,୧୫।୧୨

ଦେଶର ପ୍ରମୁଖ ଇ କର୍ମସ ପ୍ଲାଟ୍‌ଫର୍ମ 'ମିଶୋ'ର ବାର୍ଷିକ ଅର୍ଡର ପରିମାଣ କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ଲାଟ୍‌ଫର୍ମରେ ୩୫% ଅର୍ଡର ଅଭିବୃଦ୍ଧି ହାସଲ କରିଛି। ବିଶେଷକରି ଏହା ଭାରତର ମୂଲ୍ୟ ଖୋଜୁଥିବା ଦୋକାନୀମାନଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟ ଯୋଗୁ ସମ୍ଭବ ହୋଇଛି, ଯେଉଁମାନେ ଫ୍ୟାଶନ, ସୌନ୍ଦର୍ଯ୍ୟ, ବ୍ୟକ୍ତିଗତ ଯତ୍ନ ଓ ଘରକରଣା ସାମଗ୍ରୀ ବର୍ଗରେ ସୁଲଭତାକୁ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ସେହିଭଳି ବଜାର ସ୍ଥିତିକୁ ଚ୍ୟାଲେଞ୍ଜ କରିବା ସହ ମିଶୋ ଅଭିବୃଦ୍ଧି ପଥରେ ୧୭୫ ନିୟୁତ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିଛି। ଭାରତର ନାଇଡୁପେଟା (ଆନ୍ଧ୍ରପ୍ରଦେଶ), ଶେରଗାଟା (ବିହାର) ଓ ହରପନହଲି ପରି ମଧ୍ୟ ବର୍ଗର ସହରରେ ପ୍ଲାଟ୍‌ଫର୍ମର ଚାହିଦା ଅଧିକ ରହିଛି। ଏହି ଅଭିବୃଦ୍ଧି ମିଶୋର ଆର୍ଥିକ ପ୍ରଦର୍ଶନରେ ପ୍ରତିଫଳିତ ହୋଇଛି। ଗତ ଆର୍ଥିକ ବର୍ଷରେ କମ୍ପାନୀ ପ୍ରଥମ ବର୍ଷ ଲାଗି ୨୩୨କୋଟି ଟଙ୍କାର ବ୍ୟବସାୟରେ ଅଗ୍ରଣୀ ହୋଇଛି। ସମାନ ଅବଧିରେ କାର୍ଯ୍ୟକଳାପରୁ ଆୟ ୩୩% ବୃଦ୍ଧି ପାଇ ୭୬୧୫ କୋଟି ଟଙ୍କାରେ ପହଞ୍ଚିଛି। ଏହାର ବଜାର ଚାହିଦା କ୍ରମାଗତ ଭାବେ ବଢ଼ି ଚାଲିଛି। ଚଳିତ ବର୍ଷ ଇ ବାଣିଜ୍ୟ ଉପଭୋକ୍ତା ଅଭିବୃଦ୍ଧିରେ ଲଦାଖ, ୟୁପି ଓ ବିହାର ଅଗ୍ରଣୀ ଭାବେ ଉଭା ହୋଇଥିବାବେଳେ ଅନ୍ୟାନ୍ୟ ସହରଗୁଡ଼ିକରେ ମଧ୍ୟ ଏହାର ଚାହିଦା କମ୍ ନୁହେଁ। ଏପରିକି ବିୟୁଟି ଓ ପର୍ସନାଲ କେୟାର ଓ ହୋମ୍ ତଥା କିଚେନ ପରି ବର୍ଗଗୁଡ଼ିକ କ୍ରମାଗତ ଭାବେ ଅଭିବୃଦ୍ଧି ହୋଇଛି। ଅଗ୍ରଣୀ ବ୍ରାଣ୍ଡ ଯଥା ଲୋଟସ, ଆନନ୍ଦ, ରେନି ଓ ଡଲାର ଆଦି ବ୍ରାଣ୍ଡ ଉପରେ ବିଶେଷ ଚାହିଦା ରହିଛି।

ଦ୍ୱିତୀୟ ଶ୍ରେଣୀର ସହର ଯଥା ଦିଲ୍ଲୀ,ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଭଳି ମେଟ୍ରୋ ସହରଗୁଡ଼ିକର ଦୋକାନୀମାନଙ୍କ ଆବେଦନକୁ ଆହୁରି ବୃଦ୍ଧିକରି ପ୍ଲାଟ୍‌ଫର୍ମ ଭାରତରେ ତା'ର ଗଭୀର ଉପସ୍ଥିତି ଜାହିର କରିଛି। ମିଶୋରେ ପ୍ରାୟ ୭୫% ଜେନ୍ ଜେଡ୍ ଦୋକାନୀମାନଙ୍କ ଲାଗି ଟ୍ରେଣ୍ଡି ବା ଭାଇରାଲ ଉତ୍ପାଦ କିଣିବା ଲାଗି ସେମାନଙ୍କ ବ୍ୟକ୍ତିତ୍ୱର ପ୍ରକାଶ କରିବାର ଏକ ମାଧ୍ୟମ ହୋଇଛି। ଇ-ବାଣିଜ୍ୟରେ ଜେନ୍ ଏଆଇ ବିପ୍ଳବର ନେତୃତ୍ୱ ନେଇଛନ୍ତି ଭାରତର ପ୍ରଥମ ବୃହତ୍ ବହୁମୁଖୀ ବହୁଭାଷୀ ଏଆଇ ଚାଳିତ ଭଏସ୍ ବଟ୍। ଭାରତର ବିବିଧ ତଥା ବହୁଭାଷୀ ଭାସ୍କର୍ଯ୍ୟକୁ ଦୃଷ୍ଟିରେ ରଖି ଡିଜାଇନ ହୋଇଥିବା ଭଏସ୍ ବଟ୍ କ୍ରମାଗତ ଭାବରେ ସଫଳତା ପାଉଛି।

ଅଧିକନ୍ତୁ ମିଶୋ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଲଜିଷ୍ଟିକ୍ ଚ୍ୟାଲେଞ୍ଜକୁ ଦୂରକରି ଗ୍ରାହକଙ୍କ ଠିକଣାରେ ପହଞ୍ଚାଇବା ଲାଗି ପ୍ରୟାସ କରୁଛି। ଏକ ଦକ୍ଷ ଓ ନିଶ୍ଚିତ ବିତରଣ ଦ୍ୱାରା ଗ୍ରାହକଙ୍କ ପାଇଁ ଉନ୍ନତ ଶପିଂ ଅଭିଜ୍ଞତା ପ୍ରଦାନ କରୁଛି।

# ସଚେତନ ହେଲେ ଆୟକର ସଂଗ୍ରହ ବୃଦ୍ଧି ପାଇବ

ଭୁବନେଶ୍ୱର,୧୫।୧୨ (ଅଭୟ ଦାଶ)




ଆୟକର ବିଭାଗର ବହୁ ପ୍ରତୀକ୍ଷିତ ଯୋଜନା 'ଇ- ଭେରିଫିକେଶନ ସ୍କିମ୍-୨୦୨୧'ର ତୃତୀୟ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟକର ନିର୍ଦ୍ଦେଶାଳୟ (ଇଣ୍ଟେଲିଜେନ୍ସ ଆଣ୍ଡ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ବା ଆଇ ଆଣ୍ଡ ସିଆଇ)ର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ କର୍ମଶାଳା ଓ ସଚେତନତା କାର୍ଯ୍ୟକମ ହୋଟେଲ ଲାଇଫଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟକର (ଆଇ ଆଣ୍ଡ ସିଆଇ) ପ୍ରଧାନ ମହାନିର୍ଦ୍ଦେଶିକା ସୁନିତା ବୈଂଶଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇ-ଭେରିଫିକେଶନ ସ୍କିମ୍‌ର ଗୁରୁତ୍ୱ, ଉଦ୍ଦେଶ୍ୟ ଓ କାର୍ଯ୍ୟ ପ୍ରଣାଳୀ ଆଦି ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏପରିକି ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନାଦାତାଙ୍କ ଦ୍ୱାରା ବିତ୍ତୀୟ ଦେଣନେଣ ସମ୍ପର୍କିତ ବିବରଣୀରେ ଠିକ୍ ତଥ୍ୟ ପ୍ରଦାନ ଓ କରଦାତାଙ୍କ ଦ୍ୱାରା ଉକ୍ତ ତଥ୍ୟକୁ ନିଜ ଆୟକର ରିଟର୍ନରେ ବା ନିଜ ବିତ୍ତୀୟ ଖାତା ବହିରେ ଠିକ୍ ଓ ସ୍ୱତଃପ୍ରବୃତ୍ତ ଭାବେ ପ୍ରଦାନ କରିବା ଦ୍ୱାରା ଦେଶରେ ଆୟକର ସଂଗ୍ରହ ବୃଦ୍ଧି ପାଇବ। ଏପରିକି ଆୟକର କରଦାତାଙ୍କ ସଂଖ୍ୟା ବୃଦ୍ଧିରେ ମଧ୍ୟ ଏହା ବେଶ୍ ସହାୟକ ହୋଇଛି ବୋଲି ସୁନିତା କହିଥିଲେ। ସେହିଭଳି ଆଗାମୀ ସମୟରେ ବିଭାଗ ଦ୍ୱାରା ଇ-ଭେରିଫିକେଶନ ସ୍କିମ୍-୨୦୨୧ର ବ୍ୟାପକତା ଓ ବିତ୍ତୀୟ ଦେଣନେଣ ସମ୍ପର୍କିତ ବିବରଣୀ ଦାଖଲ କରିବା ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିମାନଙ୍କ ସଂଖ୍ୟା ବଢ଼ିବା ସମ୍ପର୍କରେ ମଧ୍ୟ ସୂଚନା ଦେଇ ସୁନିତା କରଦାତାଙ୍କ ପକ୍ଷରୁ ନିଜ ଆୟକର ରିଟର୍ନରେ ସ୍ୱତଃପ୍ରବୃତ୍ତ ଭାବେ ଉକ୍ତ ତଥ୍ୟର ସମୟୋପଯୁକ୍ତ ଠିକ୍ ସୂଚନା ପ୍ରଦାନ ନିମିତ୍ତ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ରାହୁଲ କର୍ନାଙ୍କ ସମେତ ଆୟକର ନିର୍ଦ୍ଦେଶକ (ଆଇ ଆଣ୍ଡ ସିଆଇ) ଭୁବନେଶର କାର୍ଯ୍ୟାଳୟ ସଞ୍ଜୟ କୁମାର, ଆୟକର ନିର୍ଦ୍ଦେଶକ (ଆଇ ଆଣ୍ଡ ସିଆଇ ଏବଂ ପ୍ରଶାସନ) ନୂଆଦିଲ୍ଲୀ କାର୍ଯ୍ୟାଳୟ ଉମେଶ କୁମାର ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଆୟକର ଅଧିନିୟମ ୧୯୬୧ ଧାରା ୧୩୫ଏ'କୁ ସନ୍ନିବେଶ କରାଯିବା ପରେ ୨୦୨୧ ଡିସେମ୍ବର ୧୩ରୁ ଭାରତ ସରକାରଙ୍କ ଦ୍ୱାରା ଇ-ଭେରିଫିକେଶନ ସ୍କିମ୍ ଆରମ୍ଭ କରାଯାଇଥିଲା। ଏହି ସ୍କିମ୍ ଅନୁସାରେ ଆୟକର ବିଭାଗର ଇଣ୍ଟେଲିଜେନ୍ସ ଆଣ୍ଡ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ବା ଆଇ ଆଣ୍ଡ ସିଆଇ ୱିଙ୍ଗ୍ ଦ୍ୱାରା ଦେଶର ସମସ୍ତ ସବ୍‌ରେଜିଷ୍ଟ୍ରାର, ବ୍ୟାଙ୍କ, ଗାଡ଼ି ବିକ୍ରେତା, ଆୟକର କାଟି ରଖୁଥିବା ସଂସ୍ଥା ବା ବ୍ୟକ୍ତି, ସ୍ଥାବର ସମ୍ପତ୍ତି କ୍ରୟ କରୁଥିବା ବ୍ୟକ୍ତି ଓ ନିଯୁକ୍ତିଦାତା ଇତ୍ୟାଦି ସମସ୍ତ ସୂଚନାଦାତାଙ୍କ ଦ୍ୱାରା ବିତ୍ତୀୟ ଦେଣନେଣ ସମ୍ପର୍କିତ ବିବରଣୀରେ ଦିଆଯାଉଥିବା ତଥ୍ୟକୁ କରଦାତାମାନେ ନିଜ ଆୟକର ରିଟର୍ନରେ ବା ନିଜ ବିତ୍ତୀୟ ଖାତା ବହିରେ ଠିକ୍ ଓ ସ୍ୱତଃପ୍ରବୃତ୍ତ ଭାବେ ପ୍ରଦାନ କରୁଛନ୍ତି କି ନାହିଁ ତା'ର ଯାଞ୍ଚ କରାଯାଏ। ଏହି ସଚେତନତା କାର୍ଯ୍ୟକମରେ ଆୟକର କ୍ଷେତ୍ରରେ କାର୍ଯ୍ୟରତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଓକିଲ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆୟକର ବିଭାଗ ଭୁବନେଶର କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ବିମଳେନ୍ଦୁ ଟୁଡୁ ପରିଚାଳନା କରିଥିଲେ।

## ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୧୫।୧୨

ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ (ସମାବେଶିତ) ଫଣ୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ଫଣ୍ଡ ଅଫର(ଏନ୍‌ଏଫ୍‌ଓ) ୨୦୨୪ ଡିସେମ୍ବର ୧୯ ପର୍ଯ୍ୟନ୍ତ ଖୋଲା ରହିବ। ଭାରତରେ ଅବସ୍ଥାପିତ ଗୋଷ୍ଠୀଗୁଡ଼ିକ ସହ ଏହି ଶିଳ୍ପ ଏବଂ ପ୍ରଥମ ବର୍ଗର ଫଣ୍ଡ ପୁଞ୍ଜିନିବେଶ କରିବ, ଯାହାକି ବିଭିନ୍ନ କ୍ଷେତ୍ରରେ ରହିଥିବା ଦିଗ ପ୍ରତି ଉଲ୍ଲେଖ କରିଛି। ଅତି କମ୍‌ରେ ଦୁଇଟି ତାଲିକାଭୁକ୍ତ କମ୍ପାନୀ ସହି ଦୂରଦୃଷ୍ଟିସମ୍ପନ୍ନ ପ୍ରୋତ୍ସାହକମାନଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି। ଏହି ପୁଞ୍ଜି ଲଗାଣକାରୀ କମ୍ପାନୀଗୁଡ଼ିକ, ଯେଉଁସବୁ ବିବିଧ ବ୍ୟବସାୟିକ କାର୍ଯ୍ୟଦକ୍ଷତାକୁ ନେଇ ନିଜକୁ ପରିଚିତ କରିବେ। ସେଗୁଡ଼ିକ ମଧ୍ୟରେ ବିବିଧ କ୍ଷେତ୍ର, ଏକ ଦୃଢ଼ ମାର୍କେଟସ୍ଥିତି ତଥା ସ୍ଥାୟୀ ନଗଦ ପ୍ରଦାନକାରିତା ସୃଷ୍ଟି କରିବାର କ୍ଷମତା। ସମାବେଶିତ ଏକ ବିଶାଳ ବିବିଧ ପ୍ରବାହ ସୃଷ୍ଟିକାରିତାର ପ୍ରତିଷ୍ଠାନ, ଯାହାକି ଏକ ମହତ୍ତ୍ୱପୂର୍ଣ୍ଣ ଭାବେ ଦୈନିକ ଲକ୍ଷାଧିକ ଲୋକଙ୍କର ଜୀବନଧାରଣ ମାନକୁ ପ୍ରଭାବିତ କରିଥାଏ। ଏହି କର୍ପୋରେଶନ ଗୁଡ଼ିକ ଗ୍ରାହକମାନଙ୍କ ମଧ୍ୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ସମ୍ପର୍କକୁ ବଜାୟ ରଖିବା ସହିତ ଦଶନ୍ଧି ଧରି ବିଶ୍ୱସନୀୟତା ଏବଂ ଆଜ୍ଞାଧିନତାକୁ ପାଳନ କରିଥାଏ। ଏମାନଙ୍କର ସଫଳତା ସବୁ ସମୟରେ ଗ୍ରହଣଯୋଗ୍ୟ ଅଭିନବୀକରଣ, ଉଚ୍ଚବୃଦ୍ଧିପ୍ରାପ୍ତ ଶିଳ୍ପ ପ୍ରତିଷ୍ଠାନ ତଥା ଉଦୀୟମାନ ରଣକୌଶଳର ବିନିଯୋଗ ଉପରେ ପର୍ଯ୍ୟବସିତ ହେବା ସହିତ ଉଜ୍ଜ୍ୱଳମାନ କ୍ଷେତ୍ରକୁ ବିଶେଷ ଭାବେ ଦୃଷ୍ଟି ଆକର୍ଷଣ କରିଥାଏ। ଏଭଳି କରିବା ଦ୍ୱାରା ସମାବେଶିତର ସଂଜ୍ଞା ବଜାର ପ୍ରାସଙ୍ଗିକତାକୁ ଅଧିକ ଉପଯୋଗୀ କରିବା ସହିତ ଭବିଷ୍ୟତର ବିଶ୍ୱ ବ୍ୟବସାୟ ତଥା ଗ୍ରାହକଙ୍କର ଚୟନନୀତାକୁ ସୁନ୍ଦର ଭାବେ ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ।

ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ବାଲ୍‌ଶୁବ୍ରମନିଆନ କହିଥିଲେ, ଆମେ ଆମର ଏହି ନୂତନ ଫଣ୍ଡର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ସମାବେଶିତ ଧାରା ଭାରତର ଶିଳ୍ପ ବିପ୍ଳବ ତଥା ଅର୍ଥନୈତିକ ଅଭିବୃଦ୍ଧିର ଏକ ମେରୁଦଣ୍ଡ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସ୍ଥିରତା, ବିବିଧ ବଂଶାନୁକ୍ରମିକତା ତଥା ଅଭିନବୀକରଣର କ୍ଷମତାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହା ବିବିଧ ପ୍ରକାର ଶିଳ୍ପକୁ ନେଇ ସମ୍ମୁଖକୁ ଆସିଥାଏ, ଯାହାକି ବ୍ୟବସାୟିକ କ୍ଷେତ୍ରରେ ବଜାର ଘୂର୍ଣ୍ଣୟମାନକୁ ଧୀରସ୍ଥିର ଭାବରେ ଗ୍ରହଣ କରିବା ସହ ଏକ ଦୃଢ଼ ମାର୍କେଟସ୍ଥିତି ତଥା ସ୍ଥାୟୀ ନଗଦ ପ୍ରଦାନକାରିତା ସୃଷ୍ଟି କରିବା ଏବଂ ବୃଦ୍ଧି ପାଉଥିବା ସବୁଜ ଶକ୍ତି ଓ ଡିଜିଟାଲ ଇକୋସିଷ୍ଟମ କ୍ଷେତ୍ରରେ ପୁଞ୍ଜି ଲଗାଣର ବିସ୍ତାରିତାକୁ ଆହୁରି ସ୍ପଷ୍ଟ କରିଥାଏ। ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ପରିବେଶିତ ଫଣ୍ଡ ଏକ ଅଦ୍ୱିତୀୟ ବାଧାହୀନ ବୃଦ୍ଧିର ସକ୍ଷମତାକୁ ପ୍ରତିପ୍ରାଦନ କରିଥାଏ।

**ରାଜ୍ୟ ଖବର**

# ଭାଜପା ଜିଲା ଉପସଭାପତିଙ୍କ ଉପରେ ମାଡ଼ିଗଲା ବସ୍

■ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ଓଲଟିଲା, ୧୦ ଆହତ

■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

■ ସୋମବାର ଅପରାହ୍ଣ ଯାଏ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ

ଭଦ୍ରକ/ବନ୍ତ,୧୫।୧୨
(ସନାତନ ରାଉତ/ହରିନାରାୟଣ ମହାନ୍ତି)



ଓଲଟି ପଡ଼ିଥିବା ବସ୍।


ସୁଧାକର ଧଳ

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟିଲୋ ଜାଗୁଲାଇପଦା ଛକରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ମାଡ଼ିଯିବାରୁ ଜଣେ ଭାଜପା ନେତାଙ୍କ ମୃତ୍ୟୁ ଘଟିଛି। ଏଥିସହ ବସ୍‌ଟି ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ନୟନଯୋରିକୁ ଓଲଟି ପଡ଼ିବାରୁ ୧୦ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ଭାଜପାର ଜିଲା ଉପସଭାପତି ବନ୍ତ ବ୍ଲକ ଟିଲୋ ଗ୍ରାମର ସୁଧାକର ଧଳ(୫୯)। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛି।

ସୂଚନା ଅନୁଯାୟୀ, 'ବାବା ଅରୂପାନନ୍ଦ' ନାମକ ବସ୍ ସକାଳ ପ୍ରାୟ ୭ରୁ ସାଢ଼େ ୭ଟା ମଧ୍ୟରେ ଭଦ୍ରକରୁ ଆନନ୍ଦପୁର ଯାଉଥିଲା। ଭଦ୍ରକରୁ ଯିବାବେଳେ ମାତ୍ର ୧୦ରୁ ୧୨ ଯାତ୍ରୀ ବସ୍‌ରେ ଥିଲେ। ଜାଗୁଲାଇପଦା ଛକ ନିକଟରେ ସୁଧାକର ନିଜ ଘର ସାମ୍ନା ରାସ୍ତାପାର୍ଶ୍ୱରେ ଅନ୍ୟ ୨ଜଣଙ୍କ ସହ ଠିଆହୋଇ କଥା ହେଉଥିବା ସମୟରେ ଦ୍ରୁତଗତିରେ ଯାଉଥିବା ବସ୍‌ଟି ରାସ୍ତାକଡ଼କୁ ମାଡ଼ିଯାଇଥିଲା। ସୁଧାକର ପଛରୁ ବସ୍ ଆସୁଥିବା ଜାଣିପାରି ନ ଥିଲେ। ବସ୍‌ଟି ତାଙ୍କ ଉପରେ ମାଡ଼ିଯାଇ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ବସ୍‌ର ପଛ କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଆହତମାନଙ୍କୁ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ତିହିଡ଼ିର ଆଶିଷ ରାଉତ(୨୭), ମହେନ୍ଦ୍ର ବେହେରା(୬୧), ଗଦିର ହେମଲତା ପରିଡ଼ା(୩୭) ଓ ଠାକୁରମୁଣ୍ଡାର ଅନୀତା ମାହନ୍ତ(୧୫) ଗୁରୁତର ଅଛନ୍ତି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଟିଲୋ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଅପରାହ୍ଣ ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ବନ୍ତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଓ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଭଦ୍ରକ ବସ୍ ସିଣ୍ଡିକେଟ୍‌ର କର୍ମକର୍ତ୍ତାମାନେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ସିଣ୍ଡିକେଟ୍‌ର ଜଣେ ସଦସ୍ୟଙ୍କ ମନ୍ତବ୍ୟକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇବା ସହ ଆଲୋଚନା ବାଧାପ୍ରାପ୍ତ ହୋଇଥିଲା। ସୋମବାର ଅପରାହ୍ଣ ୪ଟାରେ ଏନେଇ ଆଲୋଚନା କରାଯିବ। ସେପର୍ଯ୍ୟନ୍ତ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରଖାଯିବ ବୋଲି ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ସହ ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ମୃତ ସୁଧାକରଙ୍କ ବଡ଼ଭାଇ ମନୋରଞ୍ଜନ ଧଳଙ୍କ ଏତଲାକ୍ରମେ ବନ୍ତ ଥାନାରେ ମାମଲା ରୁଜୁ କରାଯାଇଛି। ସୁଧାକର ଭାଜପାର ଜିଲା ଉପସଭାପତି ସହ ବନ୍ତ ବ୍ଲକର ପୂର୍ବତନ ସଭାପତି ଥିଲେ। ବିଧାୟକ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭାଜପା ନେତା ଡ.ସୁଧାଂଶୁ ନାୟକ, ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ, ଲକ୍ଷ୍ମୀଧର କର, ଜୋନ୍ ଭାଜପା ସଭାପତି ଶିବାନନ୍ଦ ଦାସ ଅଧିକାରୀ, ନବକିଶୋର ଭୋଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଭିନ୍ନକ୍ଷମଙ୍କ ବିକାଶକୁ ପ୍ରାଥମିକତା ଦିଆଯାଉଛି: ମୁଖ୍ୟମନ୍ତ୍ରୀ

**ଭିନ୍ନକ୍ଷମଙ୍କୁ ଇ-ରିକ୍ସା, ସହାୟତା ଉପକରଣ ବାଣ୍ଟିଲେ**

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଇ-ରିକ୍ସା ବଣ୍ଟନର ଶୁଭାରମ୍ଭ କରୁଛନ୍ତି।

ଭିନ୍ନକ୍ଷମମାନଙ୍କ ସର୍ବାଙ୍ଗୀନ ଉନ୍ନତିପୂର୍ବକ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏ ଦିଗରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରୁଛି। ସମ୍ପ୍ରତି ଭିନ୍ନକ୍ଷମମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲକରି ସାଧାରଣ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣ କରିଛନ୍ତି। ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ବଡ଼ ସଫଳତା ହାସଲ କରିବାରେ ସକ୍ଷମ ହେବେ। ତେଣୁ ସେମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟିକରି ପ୍ରୋତ୍ସାହନ ଯୋଗାଇବା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ରବିବାର ରାଜ୍ୟସ୍ତରୀୟ ଭିନ୍ନକ୍ଷମ ସମାବେଶରେ ଭିନ୍ନକ୍ଷମମାନଙ୍କୁ ଇ-ରିକ୍ସା ବଣ୍ଟନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ସମବେତ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆତ୍ମନିଯୁକ୍ତି ପାଇଁ ସବୁଜ ପତାକା ଦେଖାଇ ଇ-ରିକ୍ସା ବଣ୍ଟନର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଶାରୀରିକ ଅକ୍ଷମତା ଏକ ମାନସିକ ସ୍ଥିତି। ଭିନ୍ନକ୍ଷମ ହେବା ଏକ ସମସ୍ୟା ନୁହେଁ, ବରଂ ସମସ୍ୟା ହେଉଛି ସମାଜର ଦୃଷ୍ଟିକୋଣ। ସେମାନେ ସମବେଦନାର ପାତ୍ର ନୁହନ୍ତି, ବରଂ ସମାଜରେ ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। ସେମାନଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଆତ୍ମନିଯୁକ୍ତି ପାଇଁ ଏଠାରେ ମହାନଦୀ କୋଇଲା ଲିମିଟେଡ୍(ଏମ୍‌ସିଏଲ୍) ସୌଜନ୍ୟରୁ ୫ଶହ ଭିନ୍ନକ୍ଷମଙ୍କୁ ବ୍ୟାଟେରିଚାଳିତ ଇ-ରିକ୍ସା ବଣ୍ଟନ କରାଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ ଓ ଅନ୍ୟାନ୍ୟ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟରେ ସରକାର ଗଠନ ପରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛି। ଯେଉଁମାନେ ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାରେ ଅସମର୍ଥ ହେଉଛନ୍ତି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଏଠାରେ ପଞ୍ଜିକୃତ ସାଧାରଣ ଲୋକଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଆତ୍ମନିଯୁକ୍ତି ପାଇଁ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ କରିଥିବା ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅନନ୍ତ ଉଦୟ କାଓଲେଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାମାଶିଷ ତ୍ରିପାଠୀ ଓ ସୁଶ୍ରୀ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ।

